

ଉପକାର କରି କୌଣସି ଆଶା ରଖିବା ନିଜର ସତ୍‌କର୍ମ ଉପରେ ଆଞ୍ଚ ଆଣିବା ଛଡା ଅନ୍ୟ କିଛି ନୁହେଁ।
- ମହାତ୍ମା ଗାନ୍ଧୀ

# ଏଇ ସପ୍ତାହର କାର୍ଯ୍ୟକ୍ରମ

**୨୬।୫।୨୦୧୯(ରବିବାର)**

### ଭୁବନେଶ୍ୱର

- ଥାଲସେମିଆ କେୟାର ସୋସାଇଟି ଓଡ଼ିଶା ପକ୍ଷରୁ ରକ୍ତଦାନ ଶିବିର, ନିଗମାନନ୍ଦ ନଗର, ଲେନ୍-୨, ବମିଖାଲ କେନାଲ ରୋଡ, ସକାଳ ୭ଟା ୩୦ରୁ ଅପରାହ୍ନ ୧ଟା ୩୦।
- ସରଗଶଶୀ ପତ୍ରିକା ତରଫରୁ ଅଷ୍ଟାଦଶ ବାର୍ଷିକ ଉତ୍ସବ ଓ ସାରସ୍ୱତ ମହାମିଳନ, ବୁଦ୍ଧ ମନ୍ଦିର, ସକାଳ ୯ଟାରୁ ଅପରାହ୍ନ ୩ଟା।
- ନୀଳାଞ୍ଚଳ ପଲିଟେକନିକର ଅଭିମୁଖୀକରଣ କାର୍ଯ୍ୟକ୍ରମ, ସ୍ୱସ୍ତି ପ୍ରିମିୟମ, ସୁରଜ ମହଲ, ପୂର୍ବାହ୍ନ ୧୧ଟା ୩୦।
- ନିର୍ଝର କଲଚରାଲ ଏକାଡେମୀର ପ୍ରଥମ ବାର୍ଷିକ ଉତ୍ସବ, ଏକାମ୍ର ହାଟ, ରାମ ମନ୍ଦର ପଛପଟ, ସନ୍ଧ୍ୟା ୬ଟା।
- ଓଁ କଳିଙ୍ଗ କଳା ପରିଷଦ ପକ୍ଷରୁ ସାଂସ୍କୃତିକ ଉତ୍ସବ, ସୂଚନା ଭବନ, ସନ୍ଧ୍ୟା ୬ଟା।
- ବିଚରାଜ ସ୍କୁଲ ଅଫ ଆର୍ଟ ଆଣ୍ଡ କଲଚରର ୪ର୍ଥ ବାର୍ଷିକ ଉତ୍ସବ ଓ ବିଚରାଜ ସମ୍ମାନ, ରାବଣ ପୋଡ଼ି ପଡ଼ିଆ, କେନାଲ ରୋଡ, ଚକେଇସିଆଣି, ସନ୍ଧ୍ୟା ୬ଟା ୩୦।
- ବିଦ୍ୟାକନକ ସୃଜନ ଅନୁଷ୍ଠାନ ପକ୍ଷରୁ ଦ୍ୱିତୀୟ ନାଟ୍ୟ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟା।

### କଟକ

- ବସୁଧୈବ କୁଟୁମ୍ବକମ ମିଶନର ତୃତୀୟ ବାର୍ଷିକ ସମାରୋହ, ଶାରଳା ଭବନ, ପୂର୍ବାହ୍ନ ୧୦ଟା।
- ଭଜନ ସମ୍ରାଟ ଭିକାରୀ ବଳଙ୍କ ୯୦ତମ ଜୟନ୍ତୀ ସମାରୋହ, ଶତାବ୍ଦୀ ଭବନ, ସନ୍ଧ୍ୟା ୬ଟା।
- ୧୪ତମ ମହାନଦୀ ଫେଷ୍ଟିଭାଲର ଉଦ୍‌ଘାଟନ ଉତ୍ସବ, ନେତାଜୀ ପଡ଼ିଆ, ପୋତାପୋଖରୀ, ନୂଆବଜାର, ସନ୍ଧ୍ୟା ୬ଟା ୩୦।

### ବାଲିଅନ୍ତା

- ଭାଗବତ ବାସୁଦେବ ମେଳନ ଅବସରରେ ସଂକୀର୍ତ୍ତନ ପରିବେଷଣ, ଜୟପୁର, ପୂର୍ବାହ୍ନ ୧୧ଟା।
- ଚନ୍ଦନ ଯାତ୍ରା ଅବସରରେ ପ୍ରଭୁ ରାଧାମାଧବଙ୍କ ଚାପ ଖେଳ, ବାଲିଅନ୍ତା କୁଶଭଦ୍ରା ନଦୀ, ରାତି ୮ଟା।
- ସପ୍ତେଶ୍ୱର ମହାଦେବଙ୍କ ଚନ୍ଦନଯାତ୍ରା ଅବସରରେ ଚାପ ଖେଳ, ହରିଦାସପୁର, କୁଆଖାଇ ନଦୀ, ରାତି ୮ଟା।

### ଖୋର୍ଦ୍ଧା

- କବିତା ପାଠୋତ୍ସବ, ଜିଲା ସଂସ୍କୃତି ଭବନ, ଅପରାହ୍ନ ୩ଟା ୩୦।
- ମାସିକ ସଂସ୍କୃତି ଚର୍ଚ୍ଚାରେ ମହାବାତ୍ୟା ଫନୀ ପରେ ଓଡ଼ିଆ ଜାତୀୟତାର ପୁନଃ ନିର୍ମାଣ, ଜିଲା ସଂସ୍କୃତି ଭବନ, ଅପରାହ୍ନ ୪ଟା।
- କାଇପଦର ମହୋତ୍ସବର ୨ୟ ସନ୍ଧ୍ୟାରେ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ, କାଇପଦର, ରାତ୍ର ୯।

### ସାକ୍ଷୀଗୋପାଳ

- ସାକ୍ଷୀଗୋପାଳଙ୍କ ଭଉଁରୀଯାତ୍ରା ଉପଲକ୍ଷେ ମଦନମୋହନଙ୍କ ଚାପଖେଳ, ଚନ୍ଦନ ପୋଖରୀ, ଅପରାହ୍ନ ୪ଟା।

**୨୭।୫।୨୦୧୯(ସୋମବାର)**

### ଭୁବନେଶ୍ୱର

- ଓଡ଼ିଶା ଇଣ୍ଟରନ୍ୟାଶନାଲ ସେଣ୍ଟର ପକ୍ଷରୁ ଅଭିନନ୍ଦନ ଉତ୍ସବର ଉଦ୍‌ଘାଟନ, କ୍ରିୟାଯୋଗ ଆଶ୍ରମ, ଭିଏସ୍ଏସ୍ ନଗର, ସନ୍ଧ୍ୟା ୬ଟା ୩୦।
- ବିଦ୍ୟାକନକ ସୃଜନ ଅନୁଷ୍ଠାନ ପକ୍ଷରୁ ଦ୍ୱିତୀୟ ନାଟ୍ୟ ଉତ୍ସବ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୭ଟା।

### ଖୋର୍ଦ୍ଧା

- କାଇପଦର ମହୋତ୍ସବର ୩ୟ ସନ୍ଧ୍ୟାରେ ପାଇକ ଆଖଡା ଓ ଲୋକାଲ ଡ୍ୟାନ୍ସ ସମାରୋହ, କାଇପଦର, ରାତ୍ର ୭ଟା।

### ବାଲିଅନ୍ତା

- ଚନ୍ଦନ ଯାତ୍ରା ଉପଲକ୍ଷେ ମାଗଣା ଯାତ୍ରା ପରିବେଷଣ, ହରିଦାସପୁର ସପ୍ତେଶ୍ୱର ମନ୍ଦିର ନିକଟ, ରାତି ୧୧ଟା।

**୨୮।୫।୨୦୧୯(ମଙ୍ଗଳବାର)**

### ଭୁବନେଶ୍ୱର

- ସୁରଭି ଅନୁଷ୍ଠାନ ପକ୍ଷରୁ ୧୭ତମ ଏକାମ୍ର ନୃତ୍ୟ ମହୋତ୍ସବ, ସୂଚନା ଭବନ, ଅପରାହ୍ନ ୫ଟା ୩୦।
- ନାଟ୍ୟ ଅନୁଷ୍ଠାନ ଦି ଏକ୍ସପେରିମେଣ୍ଟ କମ୍ପାନୀର ବାର୍ଷିକ ଉତ୍ସବ, ଦୁର୍ଗା ମଣ୍ଡପ ପଡିଆ, ତାରିଣୀ ମନ୍ଦିର ପଛପଟ, ଶୈଳଶ୍ରୀ ବିହାର, ସନ୍ଧ୍ୟା ୬ଟା ୩୦।

### ଖୋର୍ଦ୍ଧା

- କାଇପଦର ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସମାରୋହ, କାଇପଦର, ରାତ୍ର ୭ଟା।

### ବାଲିଅନ୍ତା

- ଚନ୍ଦନ ଯାତ୍ରା ଉପଲକ୍ଷେ ମାଗଣା ଯାତ୍ରା ପରିବେଷଣ, ହରିଦାସପୁର ସପ୍ତେଶ୍ୱର ମନ୍ଦିର ନିକଟ, ରାତି ୧୧ଟା।

**୨୯।୫।୨୦୧୯(ବୁଧବାର)**

### ଭୁବନେଶ୍ୱର

- ସୁରଭି ଅନୁଷ୍ଠାନ ପକ୍ଷରୁ ୧୭ତମ ଏକାମ୍ର ନୃତ୍ୟ ମହୋତ୍ସବ, ସୂଚନା ଭବନ, ଅପରାହ୍ନ ୫ଟା ୩୦।

### ବାଲିଅନ୍ତା

- ଚନ୍ଦନ ଯାତ୍ରା ଉପଲକ୍ଷେ ମାଗଣା ଯାତ୍ରା ପରିବେଷଣ, ହରିଦାସପୁର ସପ୍ତେଶ୍ୱର ମନ୍ଦିର ନିକଟ, ରାତି ୧୧ଟା।

**୩୦।୫।୨୦୧୯(ଗୁରୁବାର)**

### ଭୁବନେଶ୍ୱର

- ସୁରଭି ଅନୁଷ୍ଠାନ ପକ୍ଷରୁ ୧୭ତମ ଏକାମ୍ର ନୃତ୍ୟ ମହୋତ୍ସବ, ସୂଚନା ଭବନ, ଅପରାହ୍ନ ୫ଟା ୩୦।

**୩୧।୫।୨୦୧୯(ଶୁକ୍ରବାର)**

### ଭୁବନେଶ୍ୱର

- ସୁରଭି ଅନୁଷ୍ଠାନ ପକ୍ଷରୁ ୧୭ତମ ଏକାମ୍ର ନୃତ୍ୟ ମହୋତ୍ସବ, ସୂଚନା ଭବନ, ଅପରାହ୍ନ ୫ଟା ୩୦।

## ସାମ୍ବାଦିକ ରାମହରି ମିଶ୍ରଙ୍କ ପରଲୋକ

**ଭୁବନେଶ୍ୱର,୨୫।୫(ବ୍ୟୁରୋ):** ବରିଷ୍ଠ ତଥା ଜଣାଶୁଣା ସାମ୍ବାଦିକ ରାମହରି ମିଶ୍ରଙ୍କ ଶନିବାର ପରଲୋକ ଘଟିଛି। ଭୁବନେଶ୍ୱରସ୍ଥିତ ଏକ ଘରୋଇ କ୍ଲିନିକରେ ସେ ଇହଧାମ ତ୍ୟାଗ କରିଛନ୍ତି।



ତାଙ୍କୁ ୮୫ବର୍ଷ ବୟସ ହୋଇଥିଲା। ବାର୍ଦ୍ଧକ୍ୟଜନିତ ରୋଗରେ ସେ ପୀଡ଼ିତ ଥିଲେ। ଏକ ଗଣମାଧ୍ୟମ ଏଜେନ୍ସି ସହ କାମ କରୁଥିବା ମିଶ୍ର ପୂର୍ବରୁ ଆନନ୍ଦ ବଜାର ପତ୍ରିକା, ନ୍ୟାଶନାଲ ହେରାଲ୍ଡ ଭଳି ପ୍ରମୁଖ ଖବରକାଗଜ ଓ ଓଡ଼ିଆ ଖବରକାଗଜ କଳିଙ୍ଗ ସହ ଜଡ଼ିତ ଥିଲେ। ଦେଶର ଜରୁରିକାଳୀନ ସ୍ଥିତି ସମୟରେ ସେ ଗଣମାଧ୍ୟମର ସ୍ୱାଧୀନତା ପାଇଁ କାମ କରୁଥିଲେ। ଗତବର୍ଷ ତାଙ୍କ ସ୍ତ୍ରୀଙ୍କ ଦେହାନ୍ତ ହୋଇଥିଲା। ତାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୋକ ପ୍ରକାଶ କରିଛନ୍ତି।

## ଅବକାରୀ ଚଢ଼ାଉ, ୬ ଗିରଫ

**କଟକ ରୋଡ,୨୫।୫(ଡି.ଏନ୍.ଏ.):** ଭୁବନେଶ୍ୱର ଅବକାରୀ ମୋବାଇଲ ସ୍କ୍ୱାଡ୍ ଶନିବାର ଖଣ୍ଡଗିରି ଓ ଏୟାରଫିଲ୍ଡ ଥାନା ଅଞ୍ଚଳରେ ଚଢ଼ାଉ କରି ୬ମଦ ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏୟାରଫିଲ୍ଡ ଥାନା ଅଧୀନ କାରଗିଲ ବସ୍ତିରେ ରହୁଥିବା ମାମା ନାୟକ, ମାଳତୀ ବେଶ୍ରା, ଅଶୋକ ବେହେରା, ସୁନ୍ଦରପଦାର ଅଭୟ ବେହେରା ଓ ଖଣ୍ଡଗିରି ଥାନା ଡୁମ୍‌ଡୁମା ଅଞ୍ଚଳର ବିକାଶ ଯାଦବ ଓ କାବୁଲି ମିଶ୍ର। ଏମାନଙ୍କଠାରୁ ୨୮ ଲିଟର ଦେଶୀ ମଦ ଜବତ କରାଯାଇଛି। ଏନେଇ ଅବକାରୀ କାର୍ଯ୍ୟାଳୟରେ ପୃଥକ ମାମଲା ରୁଜୁ ହୋଇଛି।

## ସାପକାମୁଡାରେ ଯୁବକଙ୍କ ମୃତ୍ୟୁ

**ସାକ୍ଷୀଗୋପାଳ, ୨୫।୫(ଡି.ଏନ୍.ଏ.):** ସତ୍ୟବାଦୀ ବ୍ଲକ କେତକୀପାଟଣା ପଞ୍ଚାୟତ ପଦ୍ମପୁର ଗ୍ରାମର ସୂର୍ଯ୍ୟକାନ୍ତ ସେଠୀ(୧୯)ଙ୍କର ଶନିବାର ସାପ କାମୁଡାରେ ମୃତ୍ୟୁ ଘଟିଛି। ଘରେ ଶୋଇଥିବା ସମୟରେ ଏକ ବିଷଧର ସାପ କାମୁଡିଦେଇଥିଲା। ପରେ ତାଙ୍କୁ ପୁରୀ ସଦରମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।



କଟକ କିଲାଖାଇ ପରିସରରେ ଓଡ଼ିଶା ଅଗ୍ନିଶମ ସେବା ବିଭାଗ ପକ୍ଷରୁ ନୂତନ ମୋଟର ପମ୍ପଗୁଡିକୁ ବ୍ୟବହାର ପୂର୍ବରୁ ଶନିବାର ପରୀକ୍ଷାମୂଳକ ଭାବେ ଯାଞ୍ଚ କରାଯାଉଛି।

### ଡିଭାଇଡରରେ ପିଟି ହେଲା ସ୍କୁଟି

# ଚଢ଼ିଗଲା ଟ୍ରକ୍, ୨ ମୃତ, ଜଣେ ଗୁରୁତର

**ଭୁବନେଶ୍ୱର,୨୫।୫(ବ୍ୟୁରୋ)**

ନୟାପଲ୍ଲୀ ଥାନା ଅନ୍ତର୍ଗତ ଫାୟାରଷ୍ଟେଶନ ଛକ କାଳୀ ମନ୍ଦିର ନିକଟ ଜାତୀୟ ରାଜପଥରେ ଶନିବାର ଅପରାହ୍ନରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ବାଣୀବିହାର ପଟୁ ବରମୁଣ୍ଡା ଅଭିମୁଖେ ଯାଉଥିବା ଏକ ସ୍କୁଟି ଭାରସାମ୍ୟ ହରାଇ ଡିଭାଇଡରରେ ପିଟି ହୋଇଯିବାରୁ ସେଥିରେ ବସିଥିବା ୩ଜଣ ଯୁବକ ଟ୍ରକ୍ ତଳକୁ ଛିଟିକି ପଡିଥିଲେ। ଫଳରେ ୨ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତ ଦୁଇ ଯୁବକ ହେଲେ ବରମୁଣ୍ଡାର ଚନ୍ଦ୍ରାଂଶୁପତି ମିଶ୍ର (୨୦) ଓ ଖଣ୍ଡଗିରି ପାତ୍ରପଡା ଅଞ୍ଚଳର ଗିରିଜା ଶଙ୍କର ଦାଶ(୧୭)। ଆହତ ଯୁବକ ହେଲେ କୋଳଥିଆର ସୌମ୍ୟକେତନ ସାହୁ। ଟ୍ରକ୍ ପଛ ଚକା କେବଳ ତାଙ୍କ ଗୋଡ଼ ଉପରେ ଚଢ଼ିଯିବାରୁ ସେ ମୃତ୍ୟୁମୁଖରୁ ବର୍ତ୍ତି ଯାଇଛନ୍ତି। ତାଙ୍କୁ ଉପସ୍ଥିତ ଲୋକେ ତୁରନ୍ତ କ୍ୟାପିଟାଲ ହସ୍ପିଟାଲକୁ ପଠାଇ ଦେଇଥିଲେ। ତାଙ୍କ ଗୋଡ଼ର କିଛି ଅଂଶ ପୂରା ଚୁନା ହୋଇଯାଇଛି। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ତେବେ ଘଟଣାକୁ ନେଇ ସେଠାରେ ବହୁ ସମୟ ଧରି ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ ଟ୍ରକ୍ ଭଙ୍ଗାରୁଜା କରିବା ସହ ଖସି ଯିବାକୁ ଚେଷ୍ଟା କରୁଥିବା ଟ୍ରକ୍ ଡ୍ରାଇଭର ଓ ହେଲ୍‌ପରଙ୍କୁ ନିଛୁକ ମାଡ଼ ମାରିଥିଲେ। ପୋଲିସ ପହଞ୍ଚି ସେମାନଙ୍କୁ ଗିରଫ କରିବା ସହ ଉକ୍ତ ଟ୍ରକ୍‌କୁ ଜବତ କରିଛି। ଏଥିସହ ଘଟଣାସ୍ଥଳରୁ ଦୁଇ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲ ପଠାଇବା ସହ ଆଇପିସି ଦଫା ୨୭୯, ୩୦୪, ୩୩୫, ୩୦୪ରେ ମାମଲା (ନଂ-୨୪୯/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ମିଳିଥିବା ସୂଚନାନୁସାରେ, ମୃତ ଚନ୍ଦ୍ରାଂଶୁ ଓ ଗିରିଜା ଦୁଇ ସାଙ୍ଗ। ସେମାନେ ନିକଟରେ ଯୁକ୍ତ ଦୁଇ ପରୀକ୍ଷା ଦେଇଥିଲେ। ତେବେ ମୃତ ଚନ୍ଦ୍ରାଂଶୁ ହେଉଛନ୍ତି କଳିଙ୍ଗ ୱେବ୍ ନ୍ୟୁଜ୍ ଚ୍ୟାନେଲର ସମ୍ପାଦକ ହିମାଂଶୁପତି ମିଶ୍ରଙ୍କ ପୁଅ। ପୁଅର ମୃତ୍ୟୁ ଖବର ଶୁଣିବା ପରେ ପରିବାର ଲୋକେ ବିଶ୍ୱାସ କରିପାରି ନ ଥିଲେ। କ୍ୟାପିଟାଲ ହସ୍ପିଟାଲରେ ମୃତଦେହ ଦେଖିବା ପରେ ସେମାନେ ପୂରା ଭାଙ୍ଗି ପଡିଥିଲେ। ହସ୍ପିଟାଲ ପରିସର ପୂରା କାନ୍ଦବୋବାଳିରେ ଫାଟି ପଡ଼ିଥିଲା। ଖବର ପାଇ ଭୁବନେଶ୍ୱର ଡିସିପି ଅନୁପ କୁମାର ସାହୁ ହସ୍ପିଟାଲରେ ପହଞ୍ଚି ଘଟଣାର ଅନୁଧ୍ୟାନ କରିଥିଲେ। ଟ୍ରକ୍ ଡ୍ରାଇଭରଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେଠାରେ ଉପସ୍ଥିତ ବହୁ ଖବରଦାତା ଓ ମୃତକଙ୍କ ସମ୍ପର୍କୀୟ ଦାବି କରିଥିଲେ।

### ଦ୍ରୁତଗତି ପାଇଁ ଘଟିଲା ଦୁର୍ଘଟଣା

ଦ୍ରୁତଗତି ପାଇଁ ଦୁର୍ଘଟଣା ଘଟିଲା ଓ ସମସ୍ତଙ୍କ ଆଖି ଆଗରେ ଦୁଇ ଜୀବନ ଅକାଳରେ ଚାଲିଗଲା ବୋଲି ଘଟଣାସ୍ଥଳରେ ଉପସ୍ଥିତ ଲୋକେ କହୁଥିଲେ। ସେମାନଙ୍କ କହିବାନୁସାରେ, ଚନ୍ଦ୍ରାଂଶୁ, ଗିରିଜା ଓ ସୌମ୍ୟକେତନ ସ୍କୁଟି (ଓଡି୨୫-ଜି-୮୯୮୭)ରେ ବାଣୀବିହାର ପଟୁ ବରମୁଣ୍ଡା ଅଭିମୁଖେ ଯାଉଥିଲେ। ଗାଡ଼ିର ବେଗ ବହୁତ ଅଧିକ ଥିବାରୁ ଗାଡି ଚଳାଉଥିବା ସୌମ୍ୟକେତନ ହଠାତ୍ ଭାରସାମ୍ୟ ହରାଇଥିଲେ। ସ୍କୁଟିଟି ରୋଡ୍ ଡିଭାଇଡରରେ ଧକ୍କା ଲାଗିବାରୁ ତିନିଜଣ ଡିଭାଇଡର ଡେଇଁ ରାଜପଥ ମଝିକୁ ଛିଟିକି ପଡିଥିଲେ। ଫଳରେ ବରମୁଣ୍ଡା ପଟୁ ବାଣୀବିହାର ଅଭିମୁଖେ ଦ୍ରୁତ ଗତିରେ ଯାଉଥିବା କଦଳୀ ବୋଝେଇ ଟ୍ରକ ଚନ୍ଦ୍ରାଂଶୁ ଓ ଗିରିଜା ଶଙ୍କରଙ୍କ ଉପରେ ଚଢି ଯାଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। କାଳୀ ମନ୍ଦିର ସମ୍ମୁଖରେ ବାରମ୍ବାର ଦୁର୍ଘଟଣା ଘଟି ବହୁ ଜୀବନ ଯାଉଥିବାବେଳେ ଅନେକେ ଗୁରୁତର ଆହତ ହୋଇଛନ୍ତି। ଏଠାରେ ଦୁର୍ଘଟଣା ରୋକିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଲୋକେ ଦାବି କରିଛନ୍ତି।

# ଆଜି ନାହାକା ଚକ ଡେରା

**ରଥଖଳାରୁ...**

**ପୁରୀ ଅଫିସ,୨୫।୫**

ରବିବାର ଶ୍ରୀକ୍ଷେତ୍ରେ ଭଉଁରୀ। ଏହି ତିଥିରେ ମହାପ୍ରଭୁଙ୍କ ତିନିରଥର ୬ଟି ନାହାକା ଚକ ଡେରାଯିବାର ପରମ୍ପରା ରହିଛି। ଏଥିଲାଗି ତିନିରଥର ୬ଟି ନାହାକା ଚକ ଏବଂ ୩ଟି ନାହାକା ଅଖ ତିଆରି ସରିଛି। କେବଳ ଚକ ଡେରାକୁ ଅପେକ୍ଷା ରହିଛି। ଶ୍ରୀମନ୍ଦିରରୁ ମହାପ୍ରଭୁଙ୍କ ଆଜ୍ଞାମାଳ ଆସି ଲାଗି ହେବା ପରେ ଚକ ଡେରାଯିବ। ଶନିବାର ତିନିରଥର ୬ଟି ଚକ କାମ ଶେଷ ହୋଇଛି।

ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ସମ୍ମୁଖରେ ୩ଟି ଅଖକୁ ସାଇଜ କରି ରଖାଯାଇଛି। ମା ଚର୍ଚ୍ଚିକାଙ୍କ ସମ୍ମୁଖ ଯନ୍ତାଗାଡ଼ରେ ୩ଟି ସିଙ୍ଗଡ଼ା ବାଡ଼ିଆ କରାଯାଇଥିବା ଭୋଇ ସର୍ଦ୍ଦାର ରବି ଭୋଇ କହିଛନ୍ତି। ଭୋଇ ସେବକମାନେ ଦୋଳବେଦି କୋଣରେ ପୋଲୋ ଗୟଳ ପକାଇଛନ୍ତି। ୪୦ ଫୁଟିଆ ଏହି ଧଉରା କାଠକୁ କରତି ସେବକମାନେ ଚିରଟ କରିବେ। ତାଳଧ୍ୱଜ ରଥର ପୋଲୋ ଗୟଳ ପ୍ରଥମେ ଚିରଟ ପାଇଁ ଶନିବାର ପକାଯାଇଥିବା ରବି କହିଛନ୍ତି। ରଥଖଳାରେ ମହାରଣା ସେବକମାନେ ପଇ ବିନ୍ଧ ଏବଂ ଅନ୍ୟାନ୍ୟ କାମରେ ବ୍ୟସ୍ତ ଥିବାବେଳେ ରୂପକାର ସେବକମାନେ ଖୋଦେଇ କରୁଛନ୍ତି। ଦୋଳବେଦି କୋଣ ପରିସରରେ କମାର ସେବକମାନେ କଣ୍ଟା ତିଆରିରେ ଲାଗିଛନ୍ତି। ତିନିରଥର ମୁଖ୍ୟ ବିଶ୍ୱକର୍ମା ବିଜୟ ମହାପାତ୍ର, କୃଷ୍ଣଚନ୍ଦ୍ର ମହାରଣା ଏବଂ ନରସିଂହ ମହାପାତ୍ରଙ୍କ ନେତୃତ୍ୱରେ ମହାରଣା ସେବକମାନେ କାମ ଜାରି ରଖିଛନ୍ତି।



ନାହାକା ଚକ ଡେରା ପାଇଁ ଶେଷ ପର୍ଯ୍ୟାୟ ପ୍ରସ୍ତୁତି।

**ରଥଯାତ୍ରା ପ୍ରସ୍ତୁତି ସମୀକ୍ଷା ବୈଠକ**

# ସ୍ନାନ ପୂର୍ଣ୍ଣିମା ପୂର୍ବରୁ ୩୧ ମୋବାଇଲ ଟାୱାର କାର୍ଯ୍ୟକ୍ଷମ ହେବ

**ପୁରୀ ଅଫିସ,୨୫।୫**

ପୁରୀ ଜିଲାପାଳ ବଲୱନ୍ତ ସିଂ ଆସନ୍ତା ରଥଯାତ୍ରା ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ଶନିବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏହି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା ଏଥିରେ ସ୍ୱାସ୍ଥ୍ୟ, ପରିମଳ, ପାନୀୟଜଳ, ବିଦ୍ୟୁତ୍ ଯୋଗାଣ, ଯୋଗାଯୋଗ, ଆଇନ ଶୃଙ୍ଖଳା ଆଦି ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଛି। ଯେହେତୁ ରଥଯାତ୍ରା ପରିଚାଳନା ତାଙ୍କ ପାଇଁ ନୂଆ ତେଣୁ ଜିଲାପାଳ ସିଂ ପ୍ରତିଟି ପ୍ରସଙ୍ଗର ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ସ୍ନାନ ପୂର୍ଣ୍ଣିମା ପୂର୍ବରୁ ପୁରୀ ଏବଂ ଜାତୀୟ ରାଜପଥରେ ୩୧ଟି ମୋବାଇଲ ଟାୱାର କାର୍ଯ୍ୟକ୍ଷମ କରାଯିବ। କେତେକ ସ୍ଥାନରେ ଟାୱାରଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଥିବାରୁ କାର୍ଯ୍ୟକ୍ଷମ କରିବାରେ ବିଳମ୍ବ ହେଉଥିବା ଜଣାପଡ଼ିଛି। ସେହିପରି କଟକ, ଭୁବନେଶ୍ୱର ଓ ପୁରୀ ମଧ୍ୟରେ ଅଧିକ ବସ୍ ଚଳାଚଳ ପାଇଁ ବ୍ୟବସ୍ଥା କରାଯିବା ସହ ପୁରୀ ରେଳଷ୍ଟେଶନର ମରାମତି ପ୍ରକ୍ରିୟା ତ୍ୱରାନ୍ୱିତ କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ରଥଯାତ୍ରାରେ ଜନସମାଗମକୁ ଦୃଷ୍ଟିରେ ରଖି ସମୁଦ୍ର କୂଳରେ ୨୦୦ ଲାଇଫ୍‌ଗାର୍ଡଙ୍କୁ ମୁତୟନ କରାଯିବ। ପଲ୍ଲିଶ୍ରୀ ମେଳାରେ ୨୫୫ ଷ୍ଟଲ ଖୋଲାଯିବ। ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ୧୧ଟି ସୂଚନା କେନ୍ଦ୍ର ଖୋଲାଯିବାକୁ ନିଷ୍ପତ୍ତି ହୋଇଛି।

ବୈଠକରେ ଅତିରିକ୍ତ ଜିଲାପାଳ ବିନୟ ଦାଶ, ପୁରୀ ପୌର ସଂସ୍ଥାର ନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶ, ଉପଜିଲାପାଳ ଭବତାରଣ ସାହୁ, ଡିଆର୍‌ଡିଏ ନିର୍ଦ୍ଦେଶକ ନୃସିଂହ ଚରଣ ସ୍ୱାଇଁ ଓ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ।

**ସେଲ୍‌ଫି କର୍ନର ଧରିତ୍ରୀ**

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ । ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/main/selfie_list/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com



ଊର୍ମି



ରଜତ



ସତ୍ୟରଞ୍ଜନ



ସନ୍ତୋଷ



କାହ୍ନୁ



ସୀତାଞ୍ଜଳି



ସନ୍ନିଧାନ



କ୍ଲାନ୍ତି ପରେ ବିଶ୍ରାମ ଯେଉଁ ଆନନ୍ଦ ଦିଏ, କୌଣସି ପ୍ରକାରର ବିଳାସ ସେହି ପରି ଆନନ୍ଦ ଦେଇପାରିବ ନାହିଁ:
- ନେପୋଲିୟନ



## ସଂକ୍ଷେପରେ

### ଦୁର୍ଘଟଣାରେ ଜଳଯୋଗାଣ ବିଭାଗର କର୍ମଚାରୀ ମୃତ

**ବାଲିଅନ୍ତା,୨୫।୫(ଡି.ଏନ୍.ଏ.):** ୧୬ନଂ ଜାତୀୟ ରାଜପଥ ଭୁବନେଶ୍ୱର-କଟକ ରାସ୍ତାର ହଂସପାଳ ଛକରେ ଶନିବାର ଭୋର ୫ଟା ୩୦ରେ ଏକ ପିକ୍‌ଅପ ଭ୍ୟାନ ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ହୋଇଛି। ସେ ହେଲେ ସ୍ଥାନୀୟ ହଂସପାଳ ଗ୍ରାମର ସୌରୀବନ୍ଧୁ ମହାନ୍ତି(୫୫)। ସେ ମଞ୍ଚେଶ୍ୱରସ୍ଥିତ କୁଆଖାଇ ଜଳଯୋଗାଣ କେନ୍ଦ୍ରର ଜଣେ କର୍ମଚାରୀ ଥିଲେ। ପ୍ରକାଶ ଯେ, ସୌରୀବନ୍ଧୁ ନିଜ କାର୍ଯ୍ୟାଳୟକୁ ଯିବା ପାଇଁ ହଂସପାଳ ଛକ ନିକଟରେ ସାଇକେଲରେ ରାସ୍ତାପାର ହେଉଥିଲେ। ଏହି ସମୟରେ ଭୁବନେଶ୍ୱର ପଟୁ ଆସୁଥିବା ଏକ ସୋୟାବିନ ବଡ଼ି ବୋଝେଇ (ନଂ ଓଡି ୦୭ ଡି ୬୬୮୨) ପିକଅପ ଭ୍ୟାନଟି ରଙ୍ଗରୁଟରେ ଆସି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ପିକଅପ ଭ୍ୟାନର ଗତି ଦ୍ରୁତ ଥିବାରୁ ସାଇକେଲ ସହ ସୌରୀବନ୍ଧୁଙ୍କୁ କିଛି ବାଟ ଘୋଷାରି ନେଇଥିଲା। ସେହି ସମୟରେ ବିପରୀତ ଦିଗରୁ ଆସୁଥିବା ଅନ୍ୟ ଏକ ଟ୍ରକକୁ ଧକ୍କା ଦେଇ ରାସ୍ତାର ଡାହାଣ ପାର୍ଶ୍ୱରେ ଥିବା ଏକ ପରିବା ଦୋକାନୀ ଉପରକୁ ଓଲଟି ପଡିଥିଲା। ତେବେ ଘଟଣାସ୍ଥଳରେ ସୌରୀବନ୍ଧୁଙ୍କ ମୃତ୍ୟୁ ଘଟିଥିଲା। ଏ ନେଇ ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକୋ କରିବା ପାଇଁ ଉଦ୍ୟମ କରୁଥିବା ବେଳେ ମଞ୍ଚେଶ୍ୱର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହ ତଦନ୍ତ ଘଟଣାର ତଦନ୍ତ ଚଳାଇଛି।

### ମୋ ବସ୍ ଦୁର୍ଘଟଣାରେ ଭଉଣୀ ମୃତ, ଭାଇ ଗୁରୁତର

**ପୁରୁଣା ଭୁବନେଶ୍ୱର,୨୫।୫ (ଡି.ଏନ.ଏ.):** ଏୟାରପୋର୍ଟ ଥାନା ଅଧୀନ ନବୀନ ନିବାସ ନିକଟ ରାସ୍ତାରେ ଶନିବାର ସନ୍ଧ୍ୟାରେ ମୋ ବସ୍ ଦୁର୍ଘଟଣାରେ ଜନୈକ ଯୁବତୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସସ୍ମିତା ପୁଟ(୨୮)। ପୋଲିସ ସୂଚନା ମୁତାବକ, ସସ୍ମିତା ଏବଂ ତାଙ୍କ ଭାଇ ଅରବିନ୍ଦ ପୁଟ ଏକ ସ୍କୁଟି ଯୋଗେ ପଳାଶପଲ୍ଲୀ ଆଡୁ ଏୟାରପୋର୍ଟ ଛକକୁ ଆସୁଥିଲେ। ଏହି ସମୟରେ ଆସୁଥିବା ମୋ ବସ ସ୍କୁଟି ପଛ ପଟକୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଭଉଣୀଭାଇ ରାସ୍ତାକୁ ଛିଟିକି ପଡିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ କ୍ୟାପିଟାଲ ହସ୍ପିଟାଲ ଏବଂ ପରେ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ଭଉଣୀ ସସ୍ମିତାଙ୍କୁ ମୃତ ଘୋଷଣା କରିଥିଲାବେଳେ ଭାଇ ଚିକିତ୍ସାଧୀନ ଅଛନ୍ତି ବୋଲି ଥାନା ଅଧିକାରୀ ଉମାକାନ୍ତ ପ୍ରଧାନ ସୂଚନା ଦେଇଛନ୍ତି। ସେମାନଙ୍କ ଘର କଳାହାଣ୍ଡିରେ। ସେମାନେ ପୋଖରୀପୁଟ ଅଞ୍ଚଳରେ ରୁହନ୍ତି। ଏ ନେଇ ନଂ. ୮୦/୧୯ରେ ଏକ ମାମଲା ରୁଜୁ ହୋଇଛି।

### ଚଳନ୍ତା ଟ୍ରେନରୁ ଖସିପଡ଼ି ଯୁବକ ଗୁରୁତର

**ବାରଙ୍ଗ/ନରାଜ,୨୫।୫(ଡି.ଏନ୍.ଏ.):** ବାରଙ୍ଗ ଥାନା ଅନ୍ତର୍ଗତ ଜୟପୁର ଖେଳପଡିଆ ନିକଟସ୍ଥ ରେଲଧାରଣା କଡରେ ଶନିବାର ଜଣେ ଯୁବକ ଏକ ଚଳନ୍ତା ଟ୍ରେନରୁ ଖସିପଡି ଗୁରୁତର ହୋଇଛନ୍ତି। ପରେ ଉକ୍ତ ଯୁବକଙ୍କୁ ରେଲୱେ କର୍ମଚାରୀମାନେ ଉଦ୍ଧାର କରି ଚିକିତ୍ସା ପାଇଁ ପଠାଇଛନ୍ତି। ଦିନ ପ୍ରାୟ ୧୦ଟା ସମୟରେ ଏକ ରେଲୱେ କର୍ମଚାରୀ ଉକ୍ତ ରେଲଧାରଣା ଉପରେ କାମ କରୁଥିବା ସମୟରେ ଯୁବକଜଣକ ଏକ ଟ୍ରେନରୁ ହଠାତ ଖସିପଡିଥିବାର ଦେଖିଥିଲେ। ପାଖକୁ ଯିବାବେଳେ ଅଚେତ ଭାବେ ପଡ଼ି ଗୁରୁତର ଥିବାରୁ ୧୦୮ ଆମ୍ବୁଲାନ୍ସକୁ ଫୋନ କରିଥିଲେ। ଖବର ଜଣାପଡ଼ିବା ପରେ ସ୍ଥାନୀୟ ଲୋକ ଏବଂ ଆମ୍ବୁଲାନ୍ସ ପହଞ୍ଚି ଗୁରୁତର ଯୁବକଙ୍କୁ କଟକ ବଡଡାକ୍ତରଖାନାକୁ ନେଇଯାଇଥିଲେ। ତେବେ ଯୁବକଟିର ପରିଚୟ ଜଣାପଡ଼ିନାହିଁ।

### ଛୁରାମାଡ଼ କରି ବ୍ୟବସାୟୀଠାରୁ ୪୫ହଜାର ଲୁଟ୍

**ଖୋର୍ଦ୍ଧା ଅଫିସ,୨୫।୫:** ଖୋର୍ଦ୍ଧା ସଦର ଥାନା କୋଲକତା-ମାଡ୍ରାସ ୧୬ ନଂ. ଜାତୀୟ ରାଜପଥର ତାପଙ୍ଗ ମଳିପଡା ସୀମାରେ ଶନିବାର ରାତି ୯ଟାରେ ଲୁଟ୍ ହୋଇଛି। ଲୁଟେରାମାନେ ଜଣେ ବ୍ୟବସାୟୀଙ୍କୁ ଛୁରିରେ ଆକ୍ରମଣ କରି ୪୫ ହଜାର ଟଙ୍କା ଲୁଟି ନେଇଛନ୍ତି। ଲୁଟେରାଙ୍କ ଆକ୍ରମଣରେ ଖୋର୍ଦ୍ଧା ଆଦର୍ଶ ଥାନା ହଳଦିଆର ପୂର୍ଣ୍ଣଚନ୍ଦ୍ର ସାହୁ ଗୁରୁତର ହୋଇ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଖବରପାଇ ଖୋର୍ଦ୍ଧା ସଦର ଥାନା ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

■ ସୁରଟ ଦୁର୍ଘଟଣା ପରେ ଚେତିଲା ଓଡ଼ିଶା ଅଗ୍ନିଶମ ବିଭାଗ

# କୋଚିଂ ସେଣ୍ଟରଗୁଡ଼ିକର ଅଗ୍ନି ନିରାପତ୍ତା ଯାଞ୍ଚ ହେବ

**ଭୁବନେଶ୍ୱର,୨୫।୫(ବ୍ୟୁରୋ)**

ଗୁଜରାଟ ସୁରଟସ୍ଥିତ ତକ୍ଷଶିଳା ବାଣିଜ୍ୟିକ କମ୍ପ୍ଲେକ୍ସର ଚତୁର୍ଥ ମହଲାରେ ଥିବା ଏକ କୋଚିଂ ସେଣ୍ଟର ଅଗ୍ନିକାଣ୍ଡରେ ୨୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ମୃତ୍ୟୁ ଘଟିଛି। ଉକ୍ତ କୋଚିଂ ସେଣ୍ଟରରେ ଲାଗିଥିବା ଏସି ବିସ୍ଫୋରଣରୁ ନିଆଁ ଲାଗିଥିବା ଓ ସେଠାରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନ ଥିବାରୁ ଏହା ଭୟଙ୍କର ରୂପ ନେଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ତେବେ ଏହି ଦୁର୍ଘଟଣା ପରେ ଓଡିଶା ଅଗ୍ନିଶମ ବିଭାଗର ଚେତା ପଶିଛି। ରାଜ୍ୟର ଅଧିକାଂଶ କୋଚିଂ ସେଣ୍ଟରରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନ ଥିବା ଜଣାପଡିଛି। ଆଗକୁ ଯେପରି କୌଣସି ଦୁର୍ଘଟଣା ନ ଘଟିବ ସେଥିପାଇଁ ସମସ୍ତ କୋଚିଂ ସେଣ୍ଟରର ଅଗ୍ନି ନିରାପତ୍ତା ବ୍ୟବସ୍ଥା ଯାଞ୍ଚ ହେବ। ଅଗ୍ନିଶମ ବିଭାଗର ଜଣେ ଅଧିକାରୀ କହିଛନ୍ତି, ଦୁଇଦିନ ଭିତରେ ଏକ ଟିମ୍ ଗଠନ କରାଯିବ। ଏହି ଟିମ୍ ପ୍ରଥମେ ରାଜଧାନୀର ବିଭିନ୍ନ ସ୍ଥାନରେ ଥିବା କୋଚିଂ ସେଣ୍ଟରକୁ ଯାଇ ଅଗ୍ନି ନିରାପତ୍ତା ବ୍ୟବସ୍ଥାର ଯାଞ୍ଚ କରିବ। ଯେଉଁଠି ଅଗ୍ନି ନିରାପତ୍ତା ବ୍ୟବସ୍ଥା ନ ଥିବ ଉକ୍ତ ସଂସ୍ଥାର ମାଲିକଙ୍କୁ ନୋଟିସ ଦିଆଯାଇ ଦୁଇ ମାସ ସମୟ ଦିଆଯିବ। ଯଦି ନିର୍ଦ୍ଦେଶକୁ ଅମାନ୍ୟ କରିବେ ସେମାନଙ୍କ କୋଚିଂ ସେଣ୍ଟର ଲାଇସେନ୍ସ ରଦ୍ଦ କରିବା ପାଇଁ ଚେତାବନୀ ଦିଆଯିବ ବୋଲି ସେ କହିଛନ୍ତି। ତେବେ ସୋମବାର ସକାଳେ ଅଗ୍ନିଶମ ଡିଜି ବି.କେ. ଶର୍ମା ଏନେଇ ବିଧିବଦ୍ଧ ନିର୍ଦ୍ଦେଶ ଦେବେ ବୋଲି କୁହାଯାଇଛି।

ରାଜଧାନୀରେ ଛତୁ ଫୁଟିଲା ପରି କୋଚିଂ ସେଣ୍ଟର ଖୋଲୁଛି। କେତେକ କୋଚିଂ ସେଣ୍ଟରର ଲାଇସେନ୍ସ ରହିଥିବାବେଳେ ଅଧିକାଂଶ ବିନା ଲାଇସେନ୍ସରେ ଚାଲୁଛି। ଏପରିକି ଲାଇସେନ୍ସ ଓ ବିନା ଲାଇସେନ୍ସରେ ଚାଲୁଥିବା ଅଧିକାଂଶ କୋଚିଂ ସେଣ୍ଟରରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନାହିଁ। କୋଚିଂ ସେଣ୍ଟରର ମାଲିକମାନେ ଟଙ୍କା ରୋଜଗାର କରିବା ଲକ୍ଷ୍ୟରେ ଛାତ୍ରୀଛାତ୍ରଙ୍କ ଜୀବନ ସହ ଖେଳ ଖେଳୁଛନ୍ତି। ବର୍ତ୍ତମାନ ଖରା ହେଉଥିବାରୁ ଏକାଧିକ କୋଚିଂ ସେଣ୍ଟରରେ ଦିନରାତି ଏସି ଚାଲୁଛି। ଏସି ବିସ୍ଫୋରଣ ହେବାର ସମ୍ଭାବନା ରହିଛି। ସେହିଭଳି ବିଦ୍ୟୁତ୍ ଶର୍ଟସର୍କିଟର ଅନେକ ଆଶଙ୍କା ରହୁଛି। ତେବେ ଗୁଜରାଟ ଘଟଣାକୁ ନେଇ ଏବେ କୋଚିଂ ସେଣ୍ଟରର ଛାତ୍ରୀଛାତ୍ରମାନେ ଭୟଭୀତ ହୋଇପଡିଛନ୍ତି। ଏପରିକି ଅଧିକାଂଶ ଅଭିଭାବକ ସେମାନଙ୍କ ପିଲାଙ୍କୁ କୋଚିଂ ସେଣ୍ଟରକୁ ଛାଡ଼ି ନ ଥିବା ଜଣାପଡିଛି। ଏନେଇ ଜଣେ ଛାତ୍ର ରାକେଶ ଦେହୁରୀ କୁହନ୍ତି, ମୁଁ ଅନେକ କୋଚିଂ ସେଣ୍ଟରରେ ପାଠ ପଢୁଛି। ସଂସ୍ଥାର ମାଲିକମାନେ ଟଙ୍କା ରୋଜଗାର ଆଶାରେ ଗୋଟିଏ ଗ୍ରୁପରେ ଯେତିକି ପିଲା ରଖିବା କଥା ତା'ଠାରୁ ଢେର ଅଧିକ ରଖି ଦେଉଛନ୍ତି। ଲାଗଥିବା ଏସି ଠିକ୍ ଭାବେ କାମ କରୁନାହିଁ। ଅଧିକ ଚାପ ପଡୁଥିବାରୁ ଏସି ବ୍ଲାଷ୍ଟ ହେବା ସମ୍ଭାବନା ରହୁଛି। ଅନେକ କୋଚିଂ ସେଣ୍ଟରରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନ ଥିବାରୁ ଓଡ଼ିଶାରେ ମଧ ଗୁଜରାଟର ସ୍ଥିତି ଉପୁଜିବା ଆଶଙ୍କାକୁ ଏଡାଇ ଦେଇହେଉନି। ତେଣୁ ସରକାରୀ ସ୍ତରରେ ଆବଶ୍ୟକ ଯାଞ୍ଚ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଜରୁରୀ ବୋଲି ସେ କହିଛନ୍ତି।

### ଶୋଇଯାଉଛି ଅଗ୍ନିଶମ ବିଭାଗ

ସବୁ ସମୟରେ ସଜାଗ ରହୁନି ଓଡିଶା ଅଗ୍ନିଶମ ବିଭାଗ। କୌଣସି ସ୍ଥାନରେ ବଡ଼ ଧରଣର ଦୁର୍ଘଟଣା ଘଟିଲେ ତତ୍ପରତା ଦେଖାଉଛି ବିଭାଗ। ନିକଟରେ ମୁମ୍ବାଇର ଏକ ହୋଟେଲରେ ଅଗ୍ନିକାଣ୍ଡ ପରେ ଓଡିଶାର ବିଭିନ୍ନ ହୋଟେଲ ଓ ମଲ୍‌ରେ ଅଗ୍ନି ନିରାପତ୍ତା କଡାକଡି ଯାଞ୍ଚ କରାଯାଇଥିଲା। ଯେଉଁଠି ବ୍ୟତିକ୍ରମ ଥିବା ନଜରକୁ ଆସିଥିଲା ଦୁଇମାସ ଭିତରେ ଆବଶ୍ୟକ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଗ୍ରହଣ କରିବାକୁ କୁହାଗଲା। ହେଲେ ନିର୍ଦ୍ଧାରିତ ସମୟ ମଧ୍ୟରେ ଯେଉଁମାନେ ନିର୍ଦ୍ଦେଶ ପାଳନ ନ କଲେ ସେମାନଙ୍କ ଉପରେ ଆଉ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ। ପୂର୍ବରୁ ମଧ ସମ୍ ହସ୍ପିଟାଲ ଅଗ୍ନିକାଣ୍ଡ ଓ କେତେକ ମଲ୍ ତଥା ହୋଟେଲ ଅଗ୍ନିକାଣ୍ଡ ପରେ ଅଗ୍ନିଶମ ବିଭାଗ କିଛିଦିନ ତତ୍ପରତା ଦେଖାଇ ପୁଣି ଶୋଇ ଯାଇଥିଲା।

## ପିସିଆର୍ ଭ୍ୟାନ୍ କର୍ମଚାରୀଙ୍କୁ ମାଡ଼, ୨ ଗିରଫ

**ଭୁବନେଶ୍ୱର,୨୫।୫(ବ୍ୟୁରୋ)**

ଖାରବେଳନଗର ଥାନା ଅନ୍ତର୍ଗତ ବିଗ୍‌ବଜାର ଛକ ନିକଟରେ ଗୁରୁବାର ରାତିରେ ୨ଜଣ ଯୁବକ ପିସିଆର ଭ୍ୟାନ୍‌କୁ ଭଙ୍ଗାରୁଜା କରିବା ସହ କର୍ମଚାରୀଙ୍କୁ ମାଡ଼ ମାରିଥିଲେ। ଶୁକ୍ରବାର ବିଳମ୍ବିତ ରାତିରେ ପୁଣି ଶହୀଦନଗର ଥାନା ବାଣୀବିହାର ଛକରେ ପିସିଆର ଭ୍ୟାନ୍-୪ର କର୍ମଚାରୀଙ୍କୁ ମାଡ଼ ହୋଇଛି। କାର ସାଇଟ୍ କରିବାକୁ କହିବାରୁ ପୋଲିସକୁ ଏଭଳି ଆକ୍ରମଣ ହୋଇଥିବା ଜଣାପଡିଛି। ଏହି ଘଟଣାରେ ଶହୀଦନଗର ଥାନା ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କଟକ ଜିଲା ମାହାଙ୍ଗାର ସୁଚିନ୍ତିତ ତ୍ରିପାଠୀ (୩୦) ଓ ୟୁନିଟ୍-୯ର ଭରତ ମହାନ୍ତି (୩୬)। ପୋଲିସ ଆଇପିସି ଦଫା ୨୯୪, ୩୫୩, ୫୦୬ ଓ ୩୪ରେ ମାମଲା (ନଂ.୨୩୩/୧୯) ରୁଜୁ କରି ଉଭୟଙ୍କୁ କୋର୍ଟ ଚାଲାଣ କରିଛି।

ସୂଚନା ଅନୁଯାୟୀ, ଅଭିଯୁକ୍ତ ସୁଚିନ୍ତିତ ଓ ଭରତ ନିଶାଗ୍ରସ୍ତ ଅବସ୍ଥାରେ ଶୁକ୍ରବାର ରାତି ପ୍ରାୟ ଗୋଟାଏରେ କାର୍‌କୁ ବାଣୀବିହାର ଛକରେ ରଖିଥିଲେ। ଫଳରେ ରାସ୍ତାରେ ଅନ୍ୟ ଗାଡ଼ି ଚଳାଚଳରେ ସମସ୍ୟା ହୋଇଥିଲା। ଏହି ସମୟରେ ପାଟ୍ରୋଲିଂ କରୁଥିବା ପିସିଆର ଭ୍ୟାନ୍-୪ ସେଠାରେ ପହଞ୍ଚି କାରକୁ ରାସ୍ତାକଡକୁ ସାଇଟ୍ କରିବା ପାଇଁ କହିଥିଲେ। ଏଥିରେ ସୁଚିନ୍ତିତ ଓ ଭରତ ରାଗିଯାଇ କାରରୁ ବାହାରି ପିସିଆର ଭ୍ୟାନ୍‌ର କର୍ମଚାରୀଙ୍କୁ ପଥରରେ ମାଡ଼ ମାରିଥିଲେ। ଫଳରେ ପବିତ୍ର କୁମାର ପାତ୍ର ନାମକ ଜଣେ ପିସିଆର କର୍ମଚାରୀ ଆହତ ହୋଇଥିଲେ। ଏନେଇ ଶହୀଦନଗର ଥାନାରେ ପବିତ୍ର ଅଭିଯୋଗ କରିବା ପରେ ପୋଲିସ ଉଭୟଙ୍କୁ ଗିରଫ କରିଥିଲା।

## ରାମଲୀଳା ନାଟକ ମହୋତ୍ସବ ଉଦ୍‌ଘାଟିତ



ରାମଲୀଳା ନାଟକ ପରିବେଷଣର ଏକ ଦୃଶ୍ୟ।

**ବାରଙ୍ଗ/ନରାଜ,୨୫।୫(ଡି.ଏନ୍.ଏ.)**

ବାରଙ୍ଗ ବ୍ଲକ ଅନ୍ତର୍ଗତ ତ୍ରିଶୁଳିଆ ବଜାରଠାରେ ଆଞ୍ଚଳିକ ରାମଲୀଳା ପ୍ରଚାର ସମିତି ଆନୁକୂଲ୍ୟରେ ୪୮ତମ ରାମଲୀଳା ମହୋତ୍ସବ ଉଦ୍‌ଘାଟିତ ହେଇଯାଇଛି। ୨ଦିନ ଧରି ଅନୁଷ୍ଠିତ ଏହି ମହୋତ୍ସବର ପ୍ରଥମ ସନ୍ଧ୍ୟାରେ ମା' କନକଦୁର୍ଗା ରାମଲୀଳା ସମିତି ମୁଣ୍ଡମୁହାଣ ପକ୍ଷରୁ ମର୍ଯ୍ୟାଦା ପୁରୁଷ ପ୍ରଭୁ ରାମଚନ୍ଦ୍ରଙ୍କ କଥାମୃତ ଉପରେ ଆଧାରିତ ଲୋକପ୍ରିୟ ଲୀଳା ରାମବନବାସ ପରିବେଷଣ କରିଥିଲେ। ୨ୟ ତଥା ଶେଷ ସନ୍ଧ୍ୟାରେ ଶ୍ରୀ ଶ୍ରୀ ସୀତାକାନ୍ତ ରାମଲୀଳା ପ୍ରଜାର ସମିତି ମଧୁପୁର ତାର ଲୋକପ୍ରିୟ ଲୀଳା ସୀତାଚୋରି ପରିବେଷଣ କରାଯାଇ ମହୋତ୍ସବକୁ ଉଦ୍‌ଯାପନ କରାଯିବ। ଏଠାରେ ପ୍ରତିବର୍ଷ ୬ରୁ ୮ରାତି ପ୍ରଭୁଙ୍କର ଲିଳା ପରିବେଶଣ ହେଇଥାଏ।

## ବିଏମ୍‌ସି କାର୍ଯ୍ୟାଳୟ ଘେରିଲେ ବାତ୍ୟାବିପନ୍ନ




କ୍ଷତିପୂରଣ ଦାବିରେ ବସ୍ତିବାସିନ୍ଧା ଓ ଉଠାଦୋକାନୀଙ୍କ ବିଏମ୍‌ସି ଘେରାଉ।

**ଭୁବନେଶ୍ୱର,୨୫।୫(ବ୍ୟୁରୋ)**

ବାତ୍ୟାଗ୍ରସ୍ତ ବସ୍ତିବାସିନ୍ଧା ଓ ଉଠା ଦୋକାନୀଙ୍କ କ୍ଷୟକ୍ଷତିର ସର୍ଭେ, କ୍ଷତିପୂରଣ, ପକ୍କାଘର ଓ ଦୋକାନ ଯୋଗାଣ ଦାବିରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କାର୍ଯ୍ୟାଳୟ ଘେରାଉ ହୋଇଛି। ଏଆଇଟିୟୁସି ସହ ଅନୁବନ୍ଧିତ ନିଖିଳ ଓଡ଼ିଶା ବସ୍ତି ଉନ୍ନୟନ ପରିଷଦ ଓ ଭୁବନେଶ୍ୱର ଉଠା ଦୋକାନୀ ମହାସଂଘ ପକ୍ଷରୁ ଶନିବାର ବିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ୨ଶହରୁ ଊର୍ଦ୍ଧ୍ୱ ବସ୍ତିବାସିନ୍ଧା ଓ ଉଠାଦୋକାନୀ ଭଗବତୀ ଭବନଠାରୁ ଏକ ଶୋଭାଯାତ୍ରାରେ ବାହାରି ବିଏମ୍‌ସି କାର୍ଯ୍ୟାଳୟ ଯାଇଥିଲେ। ରାଶନ କାର୍ଡ଼ ଥିବା ସମସ୍ତ ହିତାଧିକାରୀଙ୍କୁ ରିଲିଫ୍ ମିଳିଲା କିନ୍ତୁ ଅନ୍ୟ ବସ୍ତିବାସିନ୍ଧାଙ୍କୁ ଅଣଦେଖା କରାଯଗଲା। ଅନ୍ୟମାନଙ୍କୁ ମଧ ରିଲିଫ ଯୋଗାଇ ଦିଆଯିବ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଥିଲା। ଏଯାବତ୍ ଏନେଇ କିଛି ବି ପଦକ୍ଷେପ ନିଆଯାଇନଥିବାରୁ ବସ୍ତିବାସିନ୍ଧା ରାଜରାସ୍ତାକୁ ଓହ୍ଲାଇଛନ୍ତି ବୋଲି ଉଭୟ ବିକ୍ଷୋଭକାରୀ ସଂଗଠନର ସଭାପତି ସୁର ଜେନା କହିଛନ୍ତି। ସଂଗଠନର ବିଭିନ୍ନ ଦାବି ସମ୍ବଳିତ ଏକ ସ୍ମାରକପତ୍ର ପର ମୁହୂର୍ତ୍ତରେ ବିଏମ୍‌ସି କମିଶନର ସମର୍ଥ ବର୍ମାଙ୍କୁ ଦିଆଯାଇଥିଲା। ଦାବିଗୁଡ଼ିକ ହେଲା- ତୁରନ୍ତ ସେମାନଙ୍କ କ୍ଷୟକ୍ଷତିର ସର୍ଭେ କରିବା, ବସ୍ତିବାସିନ୍ଧାଙ୍କୁ ଏକ ଲକ୍ଷ ଓ ଉଠା ଦୋକାନୀଙ୍କୁ ୫୦ହଜାର ଟଙ୍କା ଦେବା, ସମସ୍ତ ବସ୍ତିବାସିନ୍ଧାଙ୍କୁ ପକ୍କା ଘର ଓ ସ୍ଥାୟୀ ଦେକାନଘର ଯୋଗାଇବା ଓ ରାସନକାର୍ଡ଼ ନଥିବା ପରିବାରଙ୍କୁ ଅନ୍ୟ ପରିଚୟପତ୍ର ମାଧ୍ୟରେ ରିଲିଫ ପ୍ରଦାନ କରିବା ଆଦି ଦାବି କରାଯାଇଛି। ଉଠା ଦୋକାନୀ ବ୍ୟବସାୟୀ ସଂଘ ସମ୍ପାଦକ କୈଳାସ ପୁହାଣ, ନୀଳମଣି ସାହୁ, ଯୁଧିଷ୍ଠିର ପାତ୍ର, ବସ୍ତିନେତ୍ରୀ ମମତା ବରାଳ, ରୀତା ସେଠୀ ପ୍ରମୁଖ ଉପସ୍ଥିତ ରହି ଏହା ନେତୃତ୍ୱ ନେଇଥିଲେ।

## ବେଆଇନ କୋଚିଂ ସେଣ୍ଟର ପାଇଁ ଆଇନ ପ୍ରଣୟନ ଦାବି

**ଭୁବନେଶ୍ୱର,୨୫।୫(ବ୍ୟୁରୋ):** ଓଡ଼ିଶାରେ ବେଆଇନ କୋଚିଂ ସେଣ୍ଟର ଅଧିକ ଥିବାରୁ ହିସାବ କାହା ପାଖରେ ନାହିଁ। ଏହି ସେଣ୍ଟରଗୁଡ଼ିକୁ ନିୟନ୍ତ୍ରଣ ପାଇଁ ଆଇନ ପ୍ରଣୟନ କରିବା, ଅଗ୍ନିଶମ ବିଭାଗରୁ ଅନୁମତି ନେବା ଏବଂ ନୂତନ ସ୍କୁଲ ଖୋଲିବାକୁ ନେଇ ଯେଉଁ ନିୟମ ରହିଛି, ତାହା ପାଳନ କରିବାକୁ ଓଡ଼ିଶା ଅଭିଭାବକ ମହାସଂଘ ଦାବି କରିଛି। ଶନିବାର ମହାସଂଘ ପକ୍ଷରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ରଙ୍କୁ ଚିଠି ଦ୍ୱାରା ଦାବି ଜଣାଯାଇଛି। ମହାସଂଘ ପକ୍ଷରୁ ୨୦୧୮ ଡିସେମ୍ବର ୧୯ରେ ମୁଖ୍ୟମନ୍ତ୍ରୀ, ଶିକ୍ଷା ବିଭାଗ ମନ୍ତ୍ରୀ ଓ ସଚିବଙ୍କୁ ପତ୍ର ମାଧମରେ ଜଣାଯାଇଥିଲା। କୋଚିଂ ସେଣ୍ଟରରେ ଚାଲିଥିବା ଅବ୍ୟବସ୍ଥା ବିଷୟରେ ସୂଚନା ଦିଆଯିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଅନୁରୋଧ କରାଯାଇଥିଲା। କିନ୍ତୁ ଦୁଃଖର ବିଷୟ, ଏହା ଉପରେ କୌଣସି ନିଷ୍ପତ୍ତି ନିଆଯାଇନାହିଁ ବୋଲି ମହାସଂଘ ଅଧ୍ୟକ୍ଷ ବାସୁଦେବ ଭଟ୍ଟ କହିଛନ୍ତି। ସୁରଟସ୍ଥିତ ଏକ ଘରୋଇ କୋଚିଂ ସେଣ୍ଟର ଅଗ୍ନିକାଣ୍ଡରେ ଅଭିଭାବକ ମହାସଂଘ ଦୁଃଖ ପ୍ରକାଶ କରିବା ସହ ଓଡ଼ିଶାରେ ଏଭଳି ଦୁର୍ଘଟଣା ହେବା ପୂର୍ବରୁ ପଦକ୍ଷେପ ନିଆଯିବ ବୋଲି ମହାସଂଘ ପକ୍ଷରୁ ଦାବି କରାଯାଇଛି।

## ସେବା ନିବୃତ୍ତ ଯବାନ ୱେଲ୍‌ଫେୟାର ଆସୋସିଏଶନ ସମ୍ମିଳନୀ, ନୂତନ କର୍ମକର୍ତ୍ତା ନିର୍ବାଚନ

**ଭୁବନେଶ୍ୱର,୨୫।୫(ବ୍ୟୁରୋ)**

କେନ୍ଦ୍ରୀୟ ଅର୍ଦ୍ଧ ସାମରିକ ବାହିନୀ (ସିଆର୍‌ପି, ବିଏସ୍‌ଏଫ୍, ସିଆଇଏସ୍‌ଏଫ୍, ଆଇଟିବିପି, ଏସ୍‌ଏସ୍‌ବି ଓ ଆସାମ ରାଇଫଲ୍) ସେବା ନିବୃତ୍ତ ଯବାନ ୱେଲ୍‌ଫେୟାର ଆସୋସିଏଶନ ଓଡ଼ିଶା ଶାଖାର ପ୍ରଥମ ସମ୍ମିଳନୀ ସିଆର୍‌ପି ଗ୍ରୁପ୍ କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ସେବା ନିବୃତ୍ତ ଆଇଜିପି ଆର୍. ଏନ୍. ମିଶ୍ର ଏଥିରେ ପୌରୋହିତ୍ୟ କରିଥିଲେ। ସେବା ନିବୃତ୍ତ ଯବାନ ଓ ସେମାନଙ୍କ ପରିବାରର ମୌଳିକ ସମସ୍ୟାଗୁଡିକର ଶୀଘ୍ର ସମାଧାନ, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସେମାନଙ୍କ ଅସୁବିଧାକୁ ଶୀଘ୍ର ଦୂର କରିବା ଉପରେ ଆଲୋଚନାରେ ଦିଆଯାଇଥିଲା। ଏହି ଆସୋସିଏଶନର ଆସନ୍ତା ଦୁଇବର୍ଷ ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚିତ ହୋଇଛନ୍ତି। ସଭାପତି ଭାବେ ଆର୍. ଏନ୍. ମିଶ୍ର, ଉପସଭାପତି ସି. ଆର୍. ମହାପାତ୍ର, ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ମହାପାତ୍ର, ସହସମ୍ପାଦକ ଅକ୍ଷୟ ସ୍ୱାଇଁ, ସାଙ୍ଗଠନିକ ସମ୍ପାଦକ ଗୌତମ ବେହୁରା ଓ ଉପେନ୍ଦ୍ର ନାଥ ମହାନ୍ତି ଏବଂ କୋଷାଧ୍ୟକ୍ଷ ସୁରେଶ ଚନ୍ଦ୍ର ଜେନାଙ୍କ ସମେତ ୮ଜଣ ସଭ୍ୟ କାର୍ଯ୍ୟନିର୍ବାହୀ କମିଟିକୁ ନିର୍ବାଚିତ ହୋଇଛନ୍ତି। ୪ଜଣ ବରିଷ୍ଠ ସେବା ନିବୃତ୍ତ ଅଫିସର ଆସୋସିଏଶନର ପରାମର୍ଶଦାତା ରହିଛନ୍ତି।

## 'ନବପଲ୍ଲବ'ରେ ଯୁବଶିଳ୍ପୀଙ୍କ ପ୍ରତିଭା ପ୍ରଦର୍ଶନ



**ଭୁବନେଶ୍ୱର,୨୫।୫(ବ୍ୟୁରୋ)**

ଯୁବ ନୃତ୍ୟଶିଳ୍ପୀଙ୍କୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଏକ ଭିନ୍ନସ୍ୱାଦର କାର୍ଯ୍ୟକ୍ରମ 'ନବପଲ୍ଲବ' ଅନୁଷ୍ଠିତ ହୋଇଯାଇଛି। ଶନିବାର ଓଡ଼ିଶା ଡ୍ୟାନ୍ସ ଏକାଡେମୀ ଏବଂ ସୃଜନର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଭାରତୀୟ ବିଦ୍ୟାଭବନ ମଞ୍ଚରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କିଛି ନିଆରା ନୃତ୍ୟଶୈଳୀ ଦେଖିବାର ସୁଯୋଗ ପାଇଥିଲେ ଦର୍ଶକ। ପ୍ରଥମ ଥର ନୃତ୍ୟଗୁରୁ ପଦ୍ମଶ୍ରୀ ଅରୁଣା ମହାନ୍ତି ଓ ରତିକାନ୍ତ ମହାପାତ୍ରଙ୍କ ପରିକଳ୍ପନାରେ ଚିତ୍ତାକର୍ଷକ ଓଡ଼ିଶୀ ନୃତ୍ୟ ପରିବେଷିତ ହୋଇଥିଲା। ସନ୍ଧ୍ୟାରେ ଅତିଥି ଭାବେ ଓଡ଼ିଶୀ ନୃତ୍ୟଗୁରୁ ସ୍ନେହପ୍ରଭା ସାମନ୍ତରାୟ, ଇଙ୍ଗାର ପାରମିତା ମହାପାତ୍ର, ନିବେଦିତା ସ୍ୱାଡର, ଗୁରୁ ଅରୁଣା ମହାନ୍ତି ଓ ରତିକାନ୍ତ ମହାପାତ୍ର ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ୨୫ରୁ ୪୦ବର୍ଷ ବୟସ ମଧ୍ୟରେ ଯୁବ ତଥା ପ୍ରତିଭାବାନ୍ ନୃତ୍ୟଶିଳ୍ପୀମାନଙ୍କୁ ସୁଯୋଗ ଦେବା ଏହି କାର୍ଯ୍ୟକ୍ରମର ମୂଳ ଆଭିମୁଖ୍ୟ ରହିଥିଲା। କୁଚିପୁଡ଼ି ନୃତ୍ୟଶିଳ୍ପୀ ଆରତୀ ବାସୁଦେବନଙ୍କ ନୃତ୍ୟରୁ ସନ୍ଧ୍ୟାର ପ୍ରଥମ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ଏହାପରେ ନୃତ୍ୟଶିଳ୍ପୀ କୋମଳ ଖୁସୱାଣି ଆକର୍ଷଣୀୟ କଥକ ନୃତ୍ୟ ପରିବେଷଣ କରିଥିଲେ। ଜାତୀୟ, ଅନ୍ତର୍ଜାତୀୟ ସ୍ତରରେ ନୃତ୍ୟ ପରିବେଷଣ କରି ପ୍ରତିଷ୍ଠା ଅର୍ଜନ କରିଥିବା ଉଭୟ ନୃତ୍ୟଶିଳ୍ପୀଙ୍କ ନୃତ୍ୟ ବେଶ୍ ଉପଭୋଗ୍ୟ ହୋଇଥିଲା। ଜୟଦେବ ଦାସ ଆଲୋକ ପରିଚାଳନା କରିଥିବା ବେଳେ ଅନନ୍ୟା ପରିଡ଼ା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଶ୍ରୀଲିଙ୍ଗରାଜଙ୍କ ଦର୍ଶନ କଲେ ବିଧାୟକ ଅଶୋକ ପଣ୍ଡା

**ପୁରୁଣା ଭୁବନେଶ୍ୱର, ୨୫।୫(ଡି.ଏନ୍.ଏ.)**

ଭୁବନେଶ୍ୱର ଏକାମ୍ର ନିର୍ବାଚନମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ଅଶୋକ ଚନ୍ଦ୍ର ପଣ୍ଡା ୨୮, ୬୫୭ ଭୋଟରେ ବିଜୟୀ ହୋଇଛନ୍ତି। ସେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପା ପ୍ରାର୍ଥୀ ବାବୁ ସିଂଙ୍କୁ ପରାସ୍ତ କରି ବିଜୟୀ ହୋଇଛନ୍ତି। ଶୁକ୍ରବାର ପଣ୍ଡା ଦଳୀୟକର୍ମୀଙ୍କ ସହ ରଥଦାଣ୍ଡରେ ଥିବା ପୁରୁଣା ବାସଭବନଠାରୁ ଶୋଭାଯାତ୍ରାରେ ବାହାରି ଲିଙ୍ଗରାଜ ମନ୍ଦିରରେ ପହଞ୍ଚିଥିଲେ। ସେଠାରେ ଶ୍ରୀଜୀଉଙ୍କୁ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ। ଏଥିରେ ମନ୍ଦିର ଟ୍ରଷ୍ଟବୋର୍ଡ଼ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ସାହୁ ତାଙ୍କୁ ସିଂହଦ୍ୱାର ନିକଟରେ ଶୁଭେଚ୍ଛା ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କର୍ପୋରେଟର ପ୍ରମୋଦ ମହାପାତ୍ର, ପୁଷ୍ପା ଦାସ, ରାଜେନ୍ଦ୍ର ସମର୍ଥା, ଦେବୀ ନନ୍ଦ, ଜିତେନ୍ଦ୍ର ନନ୍ଦ, ବିରଞ୍ଚି ନାରାୟଣ ମହାସୁପକାର, ସାମାଜିକ କର୍ମୀ ଆଲୋକ ସାହୁ, ଅକ୍ଷୟ ବରାଳ, ପ୍ରଶାନ୍ତ କୁମାର ଚମ୍ପତି, ବିଚିତ୍ରାନନ୍ଦ ପ୍ରଧାନ ଏବଂ ବହୁ ଦଳୀୟକର୍ମୀ ଉପସ୍ଥିତ ଥିଲେ।

## ଲିଙ୍ଗରାଜ ଷ୍ଟେଶନ ଫୁଟ୍ ଓଭରବ୍ରିଜ୍ ମରାମତି ଦାବି

**ପୁରୁଣା ଭୁବନେଶ୍ୱର,୨୫।୫(ଡି.ଏନ୍.ଏ.)**

'ଫନୀ'ରେ ଭୁବନେଶ୍ୱରସ୍ଥିତ ଲିଙ୍ଗରାଜ ପାସେଞ୍ଜର ହଲ୍ଟ ଷ୍ଟେଶନର ବ୍ୟାପକ କ୍ଷତି ଘଟିଛି। ବାତ୍ୟାର ୨୨ଦିନ ପରେ ବି ଏହି ଷ୍ଟେଶନର ମରାମତି ହୋଇନାହିଁ। ଫଳରେ ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଥାଉକି, ଏହି ଷ୍ଟେଶନରେ ପ୍ରତ୍ୟେହ ସମ୍ବଲପୁର, ଅନୁଗୋଳ, ଢେଙ୍କାନାଳ, ପୁରୀ, ବହ୍ମପୁର, ବିଶାଖାପାଟନମ ଅଞ୍ଚଳର ଶତାଧିକ ପାସେଞ୍ଜର ଓହ୍ଲାଇଥାନ୍ତି। ବିଭିନ୍ନ କଲେଜ ଛାତ୍ରୀଛାତ୍ର ଏବଂ କ୍ଷୁଦ୍ର ବ୍ୟବସାୟୀ ମଧ ଏହି ଷ୍ଟେଶନ ଉପରେ ନିର୍ଭର କରିଥାନ୍ତି। ବାତ୍ୟାରେ ଏଠାରେ ଥିବା ଫୁଟ୍ ଓଭରବ୍ରିଜ୍ ଆଜବେଷ୍ଟସ ଉଡ଼ାଇବା ସହ ଷ୍ଟେଶନର ବହୁ କ୍ଷତି ଘଟିଛି। ବହ୍ମପୁର ଅଞ୍ଚଳର ଏନ୍. ରେଡ୍ଡୀ କୁହନ୍ତି, ବର୍ଷା ଋତୁ ଆସୁଛି, ତେଣୁ ତୁରନ୍ତ ଏହି ଓଭରବ୍ରିଜ୍ ମରାମତି ନ କରାଗଲେ ବହୁ ପାସେଞ୍ଜର ଅସୁବିଧାର ସମ୍ମୁଖୀନ ହେବେ। ସେହିଭଳି ସୁରେଶ ବେହେରା କୁହନ୍ତି, ଷ୍ଟେଶନ୍‌ର ଫୁଟ୍ ଓଭରବ୍ରିଜ୍ ଉପରେ ତୁରନ୍ତ ଆଜବେଷ୍ଟସ୍ ପକାଯିବା ଦରକାର। ବ୍ରିଜ ଉପରେ ପ୍ରତ୍ୟେହ ଶତାଧିକ ଲୋକ ନିର୍ଭର କରୁଛନ୍ତି।

# ୧୧ ନିଶ୍ଚେତକ ଯନ୍ତ୍ରକୁ ନେଇ ବିବାଦ

### ଏସ୍‌ସିବିରେ ଉଚ୍ଚସ୍ତରୀୟ ବୈଠକ

**କଟକ ଅଫିସ, ୨୫।୫**

ଓଡ଼ିଶା ରାଜ୍ୟ ମେଡିକାଲ ନିଗମ ପକ୍ଷରୁ ଏସ୍‌ସିବି ମେଡିକାଲକୁ ଯୋଗାଇ ଦିଆଯାଇଥିବା ୧୧ଟି ଅତ୍ୟାଧୁନିକ ନିଶ୍ଚେତକ ଯନ୍ତ୍ରକୁ ନେଇ ବିବାଦ ଉପୁଜିଛି। ୧ ମାସରୁ ଊର୍ଦ୍ଧ୍ୱ ସମୟ ହେବ ଉକ୍ତ ମେଶିନଗୁଡ଼ିକ ମେଡିକାଲକୁ ଆସିଥିଲେ ମଧ ଏହାକୁ କେହି ନେବା ପାଇଁ ରାଜି ହେଉନାହାନ୍ତି। ଯଦି କୌଣସି ବିଭାଗ ଉକ୍ତ ମେଶିନଗୁଡ଼ିକୁ ନ ନିଅନ୍ତି ତେବେ ସେଗୁଡ଼ିକୁ ଅନ୍ୟ ମେଡିକାଲ କଲେଜକୁ ପଠାଇଦେବା ପାଇଁ ଏସ୍‌ସିବିରେ ଶନିବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏସ୍‌ସିବି ପ୍ରିନ୍ସିପାଲ ପ୍ରଫେସର ଡା. ଜୟଶ୍ରୀ ମହାନ୍ତିଙ୍କ ଚାମ୍ବରରେ ଅନୁଷ୍ଠିତ ଏହି



ବୈଠକରେ ଅଧୀକ୍ଷକ ପ୍ରଫେସର ଡା. ସିବିକେ ମହାନ୍ତି ଓ ନିଶ୍ଚେତନା ବିଭାଗର ଡାକ୍ତରମାନେ ଯୋଗଦେଇଥିଲେ। ସୂଚନାଥାଉ କି, ଅପରେଶନ ପୂର୍ବରୁ ରୋଗୀଙ୍କୁ ନିଶ୍ଚେତନା ଦେବା ସମୟରେ ଏହି ଯନ୍ତ୍ରର ଆବଶ୍ୟକତା ପଡ଼ିଥାଏ। ଗୋଟିଏ ଯନ୍ତ୍ରର ମୂଲ୍ୟ ଅତିକମ୍‌ରେ ୨୦ ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି। ଏସ୍‌ସିବିରେ ମୋଟ୍ ୩୨ଟି ଅପରେଶନ ଥିଏଟର (ଓଟି) ରହିଛି। ମାତ୍ର ବହୁମୂଲ୍ୟ ଟଙ୍କାର ଏହି ଅତ୍ୟାଧୁନିକ ଯନ୍ତ୍ରକୁ ଓଟିକୁ ନ ନେବା ପଛରେ ସ୍ଥାନ ଅଭାବ ହିଁ ମୂଳ କାରଣ ବୋଲି ଜଣାପଡ଼ିଛି। କାରଣ ଏହି ମେଶିନଗୁଡ଼ିକ ବୃହତ୍ ଆକାରର ହୋଇଥିବାରୁ ଓଟିରେ ଜାଗା ମାଡ଼ିବସିବ। ତେଣୁ ମେଶିନକୁ ରଖିଲେ ଓଟିର ଆକାରକୁ ବଢାଇବାକୁ ପଡ଼ିବ ବୋଲି ମେଡିକାଲର ଜଣେ ଡାକ୍ତର କହିଛନ୍ତି। ତେବେ ଏ ସମ୍ପର୍କରେ ଅଧୀକ୍ଷକ ପ୍ରଫେସର ମହାନ୍ତି କୁହନ୍ତି, ଖୁବ୍‌ଶୀଘ୍ର ଏହି ମେଶିନକୁ ନିଶ୍ଚେତନା ବିଭାଗକୁ ଦିଆଯିବାକୁ ବୈଠକରେ ସ୍ଥିର କରାଯାଇଛି।



କ୍ଲାନ୍ତି ପରେ ବିଶ୍ରାମ ଯେଉଁ ଆନନ୍ଦ ଦିଏ, କୌଣସି ପ୍ରକାରର ବିଳାସ ସେହି ପରି ଆନନ୍ଦ ଦେଇପାରିବ ନାହିଁ।
- ନେପୋଲିୟନ



## ସଂକ୍ଷେପରେ

### ବନ୍ଧୁକ ଦେଖାଇ ବୁଲେଟ, ସୁନା ଚେନ୍ ଲୁଟ୍

**ନରସିଂହପୁର,୨୫।୫(ଡି.ଏନ.ଏ.):** କାନପୁର ଥାନା ଅନ୍ତର୍ଗତ ପାଇକବାରବାଟି ଗ୍ରାମର ଗିରିଧାରି ଭୋଳଙ୍କଠାରୁ ଶୁକ୍ରବାର ବିଳମ୍ବିତ ରାତିରେ ଦୁର୍ବୃତ୍ତ ବୁଲେଟ୍, ସୁନା ଚେନ୍ ଓ ବ୍ରେସଲେଟ୍ ଛଡ଼ାଇ ନେଇଛନ୍ତି। ସେ କୌଣସି କାମରେ ନରସିଂହପୁର ଯାଉଥିଲେ। ବାଗଧରିଆଠାରୁ କିଛି ଦୂରରେ ନିଛାଟିଆ ଦେଖି ୩ଜଣ ଦୁର୍ବୃତ୍ତ ପଛରୁ ଆସି ତାଙ୍କୁ ଅଟକାଇଥିଲେ। ଗିରିଧାରି ଅଟକିବାମାତ୍ରେ ସେମାନେ ତାଙ୍କୁ ବନ୍ଧୁକ ଦେଖାଇ ଲୁଟ୍ କରି ନରସିଂହପୁର ଆଡେ ପଳାଇଥିଲେ। ଏ ନେଇ ଗିରିଧାରି କାନପୁର ଥାନାରେ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ସସ୍ମିତା ରଣା ମାମଲା ନଂ-୩୯/୧୯ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। କୌଣସି ସୂତ୍ରରୁ ଖବର ପାଇବା ପରେ ନରସିଂହପୁର ପୋଲିସ ସହଯୋଗରେ ସମ୍ପୃକ୍ତ ଲୁଟେରାଙ୍କୁ ଗିରଫ କରାଯାଇଛି। ନରସିଂହପୁର ଥାନା ଅନ୍ତର୍ଗତ ଅଲରା ଗ୍ରାମର ବିଘ୍ନ ନାୟକ, ବିଜୁ ନାୟକଙ୍କୁ କୋକଳବା ଗ୍ରାମରୁ ଗିରଫ କରାଯାଇଥିବାବେଳେ ଲେମ୍ପୋ ଗ୍ରାମର ସଞ୍ଜୟ ବେହେରାଙ୍କୁ ତାଙ୍କ ଘରୁ ଗିରଫ କରାଯାଇଛି। ପଚରାଉଚରା ପରେ ଲୁଟେରାଙ୍କଠାରୁ ଲୁଟ୍ ସାମଗ୍ରୀ ଜବତ କରାଯାଇଛି।

### ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକଙ୍କ ପରଲୋକ

**ବାଙ୍କୀ,୨୫।୫(ବି.ପ୍ର.):** ବାଙ୍କୀ ଡମପଡ଼ା ବ୍ଲକ ଅନ୍ତର୍ଗତ କୁଶପଙ୍ଗି ଗ୍ରାମର ମୁରବୀ, କୁଶପଙ୍ଗି ରାମଲୀଳା ନାଟ୍ୟ ସଂସଦର ସଭାପତି ତଥା ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ଦାମୋଦର ଲେଙ୍କା(୬୪)ଙ୍କ ଶୁକ୍ରବାର ଅପରାହ୍ନରେ ଭୁବନେଶ୍ୱରସ୍ଥିତ ତାଙ୍କ ଭାଇଙ୍କ ବାସଭବନରେ ପରଲୋକ ହୋଇଯାଇଛି।



ସେ କିଛିଦିନ ହେଲା ଲିଭରଜନୀତ ଅସୁସ୍ଥତା ହେତୁ ଚିକିତ୍ସାଧୀନ ଥିଲେ। ସେ ଦୀର୍ଘ ୪୦ବର୍ଷ ଧରି ବ୍ରହ୍ମପୁରା ହାଇସ୍କୁଲରେ ଶିକ୍ଷକତା କରି ୨୦୧୪ରେ ଅବସର ଗ୍ରହଣ କରିଥିଲେ। ତାଙ୍କ ବିୟୋଗରେ ଶିକ୍ଷା, ସଂସ୍କୃତି ଓ କଳା ଜଗତରେ ଏକ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି ହେଲା ବୋଲି ସ୍ଥାନୀୟ ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି। ଶିକ୍ଷକ ଗୌରାଙ୍ଗ ଦେବତା, ସୁଦର୍ଶନ ଦାସ, ରମାକାନ୍ତ ଭଞ୍ଜ, ସୁଧାକର ମହାନ୍ତି, ଖବରଦାତା ଗୌରାଙ୍ଗ ବେହେରା, ଜନକଲ୍ୟାଣ ବରିଷ୍ଠ ନାଗରିକ ସଂଘ ସଭାପତି ନୃସିଂହ ଚରଣ ପ୍ରଧାନ, କାଶୀନାଥ ରାଉତ, ସାରଙ୍ଗଧର ମିଶ୍ର, ପ୍ରଶାନ୍ତ କୁମାର ମହାନ୍ତି, ପ୍ରକାଶ କୁମାର ମହାନ୍ତି ଓ ବ୍ରହ୍ମପୁରା ହାଇସ୍କୁଲର ସମସ୍ତ ଶିକ୍ଷକଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ଜ୍ୟେଷ୍ଠ ପୁତ୍ର ଦୀପ୍ତିରଞ୍ଜନ ଲେଙ୍କା, କନିଷ୍ଠ ପୁତ୍ର ତଥା ଅଖିଳ ଭାରତ ଯୁବ କଂଗ୍ରେସ ରାଷ୍ଟ୍ରୀୟ ସମ୍ପାଦକ ସ୍ମୃତିରଞ୍ଜନ ଲେଙ୍କା, ସ୍ତ୍ରୀ, ପୁତ୍ରବଧୂ ଓ ପରିବାର ଲୋକେ ଉପସ୍ଥିତ ଥିଲେ। ତାଙ୍କ ମର ଶରୀରକୁ ଗ୍ରାମ ପରିକ୍ରମା କରାଯିବା ସମୟରେ କୁଶପଙ୍ଗୀ ରାମଲୀଳା ନାଟ୍ୟ ସଂସଦର ସମସ୍ତ ସଦସ୍ୟଙ୍କ ସହ ଶତାଧିକ ଲୋକ ସାମିଲ ହୋଇଥିଲେ। ଗାଁ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

### ଆଜିଠାରୁ ମଦନମୋହନଙ୍କ ଚନ୍ଦନଯାତ୍ରା

**ତିଗିରିଆ,୨୫।୫(ଡି.ଏନ.ଏ.):** ତିଗିରିଆ ବ୍ଲକ ଅଧୀନ ହସ୍ତତନ୍ତ ଗ୍ରାମ ନୂଆପାଟଣାର ଆରାଧ୍ୟ ମଦନମୋହନଙ୍କ ପ୍ରସିଦ୍ଧ ଚନ୍ଦନଯାତ୍ରା ରବିବାରଠାରୁ ଆରମ୍ଭ ହେବ। ଅପରାହ୍ନରୁ ପ୍ରତ୍ୟହ ଶ୍ରୀଜୀଉ ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ବହୁରୂପୀଙ୍କ ସମେତ ନଦୀୟା ସଙ୍କୀର୍ତ୍ତନ ମଣ୍ଡଳୀଙ୍କ ଗହଣରେ ନଗର ପରିକ୍ରମଣ କରି ଚନ୍ଦନ ପୋଖରୀରେ ଚାପ ଖେଳିବେ। ଏଥିଲାଗି ନୂଆପାଟଣା ଗ୍ରାମ ଶନିବାରଠାରୁ ଉତ୍ସବମୁଖର ହୋଇଉଠିଛି। ୧୮ଟି ମେଢ଼ ମଣ୍ଡପରେ ରଙ୍ଗ କାର୍ଯ୍ୟ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ସାହିଗଳିକୁ ରଙ୍ଗିନ ଆଲୋକମାଳାରେ ସୁସଜ୍ଜିତ କରାଯାଇଛି। ମଦନମୋହନ ସୁସଜ୍ଜିତ ବିମାନରେ ବିଜେ କରି ନଗର ପରିକ୍ରମା କରିବେ। ପରେ ଚାପ ଖେଳି ପ୍ରତ୍ୟହ ନିଜ ମନ୍ଦିରକୁ ବାହୁଡ଼ିବେ। ସୋମବାର ଏବଂ ମଙ୍ଗଳବାର ସକାଳ ଓ ସନ୍ଧ୍ୟାରେ ନଗର ଭ୍ରମଣ କରିବା ପରେ ଅନ୍ତିମ ପର୍ଯ୍ୟାୟରେ ଚନ୍ଦନ ପୋଖରୀରେ ମାଛ ବିନ୍ଧା ପର୍ବ ଅନୁଷ୍ଠିତ ହେବ। ଏହାପରେ ଯାତ୍ରା ଉଦ୍‌ଯାପନ ହେବ। ସେହିଦିନ ସାହି ମେଢ଼ ଗୁଡ଼ିକର ସାମୂହିକ ଭସାଣ ପର୍ବ ଅନୁଷ୍ଠିତ ହେବ। ଏହି ଅବସରରେ ନାଟକ ପରିବେଷଣ କରାଯିବ।

■ ସହରବାସୀଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଣ ମାମଲା

# ହାଇକୋର୍ଟଙ୍କ ନିର୍ଦ୍ଦେଶ ମାନୁନି ସିଏମ୍‌ସି

■ନିର୍ଦ୍ଦେଶକୁ ବିତିଲାଣି ୮ ମାସ
■ସିଏମ୍‌ସି କମିଶନରଙ୍କୁ ଜିଲାପାଳଙ୍କ ଚିଠି

**କଟକ ଅଫିସ, ୨୫।୫**

ରାଜ୍ୟବାସୀଙ୍କୁ ବିଶୁଦ୍ଧ ପାନୀୟଜଳ ମିଳୁନି। ଏହାକୁ ନେଇ ରାଜ୍ୟର ଅଗ୍ରଣୀ ସାମାଜିକ ସଂଗଠନ ମୈତ୍ରୀ ସଂସଦ ପକ୍ଷରୁ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରାଯାଇଥିଲା। ଏହି ମାମଲା ହାଇକୋର୍ଟଙ୍କ ବିଚାରାଧୀନ ଥିବାବେଳେ ୨୦୧୮ ଗ୍ରୀଷ୍ମ ଋତୁରେ କଟକ ମହାନଗର ନିଗମ (ସିଏମ୍‌ସି) ନିଜ ପକ୍ଷରୁ କଟକ ସହରବାସୀଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଣର ବ୍ୟବସ୍ଥା ନ କରି କେତୋଟି ସ୍ଥାନୀୟ ସଂଗଠନ ଓ ଘରୋଇ ସଂସ୍ଥା ମାଧ୍ୟମରେ ସହରରେ ଜଳଛତ୍ର କେନ୍ଦ୍ରମାନ ଖୋଲିଥିଲା। ଉକ୍ତ କେନ୍ଦ୍ର ଖୋଲିବା ପାଇଁ ସିଏମ୍‌ସି କାଉନସିଲର ମଧ୍ୟ ଅନୁମତି ନିଆଯାଇ ନ ଥିଲା। ଏହା ଲୋକଙ୍କ ନଜରକୁ ଆସିବା ପରେ ଜଳଛତ୍ର କେନ୍ଦ୍ର ଖୋଲାଯିବାରେ ଅନିୟମିତତା ଓ ଉକ୍ତ ଜଳଛତ୍ର କେନ୍ଦ୍ରଗୁଡିକରେ ଯୋଗାଇ ଦିଆଯାଉଥିବା ପାନୀୟଜଳର ଗୁଣବତ୍ତା ଉପରେ ସନ୍ଦେହ ସୃଷ୍ଟି ହୋଇଥିଲା। ଫଳରେ ମୈତ୍ରୀ ସଂସଦ ପକ୍ଷରୁ ଉକ୍ତ ଜଳଛତ୍ର କେନ୍ଦ୍ରଗୁଡ଼ିକରୁ ଜଳ ନମୁନା ସଂଗ୍ରହ ପରେ ପରୀକ୍ଷା କରି ତା'ର ମାନ ନିର୍ଦ୍ଧାରଣ ପାଇଁ ଦାବି କରି ଜିଲାପାଳ ଓ ସିଡିଏମ୍‌ଓଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ସିଡିଏମ୍‌ଓ ଉପରୋକ୍ତ ଜଳଛତ୍ର କେନ୍ଦ୍ର ମଧ୍ୟରୁ ୧୦ଟି କେନ୍ଦ୍ରରୁ ପାନୀୟଜଳ ନମୁନା ସଂଗ୍ରହ କରି ପରୀକ୍ଷା କରାଇବା ପରେ ତନ୍ମଧ୍ୟରୁ ୮ଟି କେନ୍ଦ୍ରର ଜଳ ନମୁନାରୁ ଇ-କୋଲି କୀଟାଣୁର ସନ୍ଧାନ ମିଳିଥିଲା। ଏହି ଜଳ ପାନୀୟଜଳ ରୂପେ ବ୍ୟବହାର ପାଇଁ ଆଦୌ ନିରାପଦ ନୁହେଁ ବୋଲି ସିଡିଏମ୍‌ଓ ତାଙ୍କ ରିପୋର୍ଟ ମାଧ୍ୟମରେ ଜିଲାପାଳଙ୍କୁ ଅବଗତ କରାଇଥିଲେ।

ଅନ୍ୟପକ୍ଷରେ ସହରର ବିଭିନ୍ନ ଅଞ୍ଚଳକୁ ଯୋଗାଇ ଦିଆଯାଇଥିବା ଦୂଷିତ ପାନୀୟଜଳକୁ ପିଇବା ଫଳରେ ଲୋକେ ଜଣ୍ଡିସ୍‌ରେ ଆକ୍ରାନ୍ତ ହୋଇଥିଲେ। ହେଲେ ଏଥିପାଇଁ କାହାରିକୁ ଦାୟୀ କରାଯାଇ ନ ଥିଲା। ଉପରୋକ୍ତ ଜଳ ନମୁନା ରିପୋର୍ଟ ମୈତ୍ରୀ ସଂସଦର ହସ୍ତଗତ ହୋଇଥିଲା। ଉକ୍ତ ଜଳଛତ୍ର କେନ୍ଦ୍ର ଖୋଲାଯିବାରେ ଅନିୟମିତତା, ସହରବାସୀଙ୍କୁ ଦୂଷିତ ପାନୀୟଜଳ ଯୋଗାଇବା ଓ ଏହାକୁ ପିଇ ବହୁ ସଂଖ୍ୟାରେ ଜନସାଧାରଣ ଜଣ୍ଡିସ ଦ୍ୱାରା ଆକ୍ରାନ୍ତ ହେବା, ଏଥିପାଇଁ କେଉଁମାନେ ଦାୟୀ ତାହା ଜାଣିବା ଲାଗି ଏକ ନିରପେକ୍ଷ ସ୍ୱତନ୍ତ୍ର ତଦନ୍ତକାରୀ ସଂସ୍ଥା ଗଠନ କରିବାକୁ ହାଇକୋର୍ଟରେ ଅନ୍ତରୀଣ ଆବେଦନ କରାଯାଇଥିଲା। ଉକ୍ତ ଆବେଦନର ଶୁଣାଣି ୨୦୧୮ ଅଗଷ୍ଟ ୯ ତାରିଖରେ ହାଇକୋର୍ଟରେ ହୋଇଥିଲା। ୨୦୧୯ ଗ୍ରୀଷ୍ମ ଅବଧି ସମୟରେ କଟକ ସହରବାସୀଙ୍କୁ କିପରି ବିଶୁଦ୍ଧ ପାନୀୟଜଳ ଯୋଗାଇ ଦିଆଯାଇପାରିବ ସେଥିପାଇଁ ସିଡିଏମ୍‌ଓ, ଜିଲାପାଳ ଓ ସିଏମ୍‌ସି କମିଶନରଙ୍କ ସହିତ ଆଲୋଚନା କରି ଏକ ଯୋଜନା ପ୍ରସ୍ତୁତ କରିବାକୁ ହାଇକୋର୍ଟ କହିଥିଲେ। ଏପରି କି ଏକମାସ ମଧ୍ୟରେ ହାଇକୋର୍ଟରେ ଶପଥପାଠ ଜରିଆରେ ଜଣାଇବା ପାଇଁ ସିଏମ୍‌ସି କମିଶନରଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟଙ୍କର ଉପରୋକ୍ତ ନିର୍ଦ୍ଦେଶ ଦେବାକୁ ଦୀର୍ଘ ୮ ମାସ ବିତି ଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ସିଏମ୍‌ସି ପକ୍ଷରୁ ଉପରୋକ୍ତ ନିର୍ଦ୍ଦେଶକୁ ପାଳନ କରାଯାଇନାହିଁ। ଇତିମଧ୍ୟରେ ଗ୍ରୀଷ୍ମ ଶେଷ ହେବାକୁ ବସିଲାଣି। ହେଲେ ସିଏମ୍‌ସି କିମ୍ବା ଜିଲା ପ୍ରଶାସନ ପକ୍ଷରୁ ସହରରେ ଜଳଛତ୍ରର କୌଣସି ବ୍ୟବସ୍ଥା କରାଯାଇ ନାହିଁ। ଏହା ମଧ୍ୟରେ ଜନସ୍ୱାସ୍ଥ୍ୟ ବିଭାଗ ଓ ସିଏମ୍‌ସି ତରଫରୁ ଦୂଷିତ ପାନୀୟଜଳ ବିତରଣ କରାଯାଉଛି। ଉକ୍ତ ଦୂଷିତ ପାନୀୟଜଳକୁ ପିଇବା ଦ୍ୱାରା ସହରର ବିଭିନ୍ନ ଅଞ୍ଚଳରେ ଜଣ୍ଡିସ, ଝାଡ଼ାବାନ୍ତି ବ୍ୟାପୁଥିବା ମୈତ୍ରୀ ସଂସଦ ପକ୍ଷରୁ କୁହାଯାଇଛି। ବିଶେଷକରି କାଠଗଡ଼ା ସାହିରେ ପୁନର୍ବାର ଜଣ୍ଡିସ ଦେଖାଦେଇଥିବା ସଂସଦ ପକ୍ଷରୁ ଉଦାହରଣ ସହିତ କୁହାଯାଇଛି। ମୈତ୍ରୀ ସଂସଦ ପକ୍ଷରୁ ଜିଲା ପ୍ରଶାସନ, ସିଏମ୍‌ସି ଓ ଜନସ୍ୱାସ୍ଥ୍ୟ ବିଭାଗକୁ ଏ ସମ୍ପର୍କରେ ସ୍ମାରକପତ୍ର ଦିଆଯାଇଥିଲା। ଜିଲାପାଳ ଉକ୍ତ ସ୍ମାରକପତ୍ର ପାଇବା ପରେ ସିଏମ୍‌ସି କମିଶନରଙ୍କୁ ୩ ଦିନ ମଧ୍ୟରେ ଏ ସମ୍ବନ୍ଧରେ ଏକ ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶନାମା ସିଏମ୍‌ସି କମିଶନରଙ୍କ ହସ୍ତଗତ ହୋଇସାରିଛି। ମାତ୍ର ଜିଲାପାଳଙ୍କ ନିର୍ଦ୍ଦେଶକୁ ୩ ଦିନ ବିତି ଯାଇଥିଲେ ମଧ୍ୟ ସିଏମ୍‌ସି କମିଶନର ଜିଲାପାଳଙ୍କ ନିକଟରେ କୌଣସି ରିପୋର୍ଟ ଏ ପର୍ଯ୍ୟନ୍ତ ଦାଖଲ କରି ନ ଥିବା ମୈତ୍ରୀ ସଂସଦ ସଭାପତି ଅଜୟ ମହାନ୍ତି କହିଛନ୍ତି। ଏ ସମ୍ପର୍କରେ ସିଏମ୍‌ସି କମିଶନର ଶରତ ନାୟକ କୁହନ୍ତି, ସିଏମ୍‌ସି କାଉନ୍‌ସିଲ ଭଙ୍ଗ ହେବା ପରେ ଆରଡିସିଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକରେ ଏ ନେଇ ଆଲୋଚନା ହୋଇଥିଲା। ପାନୀୟଜଳ ଯୋଗାଣ ସମ୍ପର୍କରେ ଏକ ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରାଯାଇଛି। ଉକ୍ତ ରିପୋର୍ଟକୁ ହାଇକୋର୍ଟରେ ଦାଖଲ କରାଯିବ।

### ମା' ଚର୍ଚ୍ଚିକାଙ୍କ ଚନ୍ଦନଯାତ୍ରା ଆରମ୍ଭ

**ବାଙ୍କୀ,୨୫।୫(ସ୍ୱ.ପ୍ର.)**

ବାଙ୍କୀ ଅଧିଷ୍ଠାତ୍ରୀ ଦେବୀ ମା'ଚର୍ଚ୍ଚିକାଙ୍କ ଚନ୍ଦନଯାତ୍ରା ଶନିବାରଠାରୁ ଆରମ୍ଭ ହୋଇଛି। ଓଡ଼ିଶାର ସର୍ବତ୍ର ଚନ୍ଦନଯାତ୍ରା ଅକ୍ଷୟ ତୃତୀୟାଠାରୁ ଆରମ୍ଭ ହୋଇ ୨୧ ଦିନ ପର୍ଯ୍ୟନ୍ତ ପାଳିତ ହେଉଥିବା ବେଳେ ଚର୍ଚ୍ଚିକାଙ୍କ ପୀଠରେ ଶେଷ ତିନିଦିନ ପାଳିତ ହେଉଛି। ଭୋରରୁ ମନ୍ଦିର ପହଡ଼ ଖୋଲାଯାଇ ମଙ୍ଗଳଆଳତି, ପଞ୍ଚ ଅବକାଶ ପରେ ମା'ଙ୍କ ସେବା ପୂଜା କରାଯାଇଥିଲା। ମଧ୍ୟାହ୍ନରେ ସ୍ୱତନ୍ତ୍ର ମାଜଣା କାର୍ଯ୍ୟ ସମ୍ପାଦିତ ହୋଇଥିଲା। ଚନ୍ଦନ ମାଜଣାରେ ମା'ଙ୍କ ମସ୍ତକରୁ କଟିଦେଶ ପର୍ଯ୍ୟନ୍ତ ଚନ୍ଦନ ଲେପନ କରାଯାଇଥିଲା। ଚଳନ୍ତି ପ୍ରତିମା କନକଦୁର୍ଗାଙ୍କୁ ପିତଳ ଚଉଖୁଣ୍ଟିଆ ଚନ୍ଦନ କୁଣ୍ଡରେ ରଖାଯାଇଥିଲା। ରାତ୍ରିରେ ଚଳନ୍ତି ପ୍ରତିମାକୁ ଏକ ସୁସଜ୍ଜିତ ବିମାନରେ ବସାଇ ଶୋଭାଯାତ୍ରାରେ ନଗର ଓ ଚର୍ଚ୍ଚିକା ଗ୍ରାମ ପରିକ୍ରମା କରାଯାଇ ମହାନଦୀର ରେଣୁକା ତୁଠକୁ ନିଆଯାଇଥିଲା। ସେଠାରେ ଦେବୀଙ୍କ ଚାପଖେଳ ଆରମ୍ଭ ହୋଇ ରଣପୁର ତୁଠରେ ଶେଷ ହୋଇଥିଲା। ଏହି ଚାପଖେଳ ସୋମବାର ଶେଷ ହେବ। ସେହିପରି ବାଙ୍କୀ ଉପଖଣ୍ଡ ଅନ୍ତର୍ଗତ ପଥୁରୀପଡ଼ାର ଗୋପୀନାଥ ଦେବଙ୍କୁ ମଧ୍ୟ ଶୋଭାଯାତ୍ରାରେ ନେଇ ରବିବାର ଓ ସୋମବାର ଦୁଇଦିନ ଚାପଖେଳର ବିଧି ବ୍ୟବସ୍ଥା ବହୁ ପୁରାତନ କାଳରୁ ରହିଛି।



ମା' ଚର୍ଚ୍ଚିକା।

### କିଡ୍‌ନୀ ରୋଗ ଆକ୍ରାନ୍ତରେ ଜଣେ ମୃତ

**ତିଗିରିଆ,୨୫।୫(ଡି.ଏନ.ଏ.)**

କିଡ୍‌ନୀ ରୋଗ ଆକ୍ରାନ୍ତରେ ଶୁକ୍ରବାର ଜଣଙ୍କର ମୃତ୍ୟୁ ଘଟିଛି। ସେ ହେଲେ ତିଗିରିଆ ତହସିଲ ଅନ୍ତର୍ଗତ ବିନ୍ଧାଣିମା ଗ୍ରାମର ସର୍ବେଶ୍ୱର ଦାଶ(୫୫)। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ସକାଳେ କଟକ ବଡ଼ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ମଧ୍ୟାହ୍ନରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ସେ ପ୍ରାୟ ୩ମାସ ତଳେ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇଥିଲେ। ବୁଧବାର ସ୍ୱାସ୍ଥ୍ୟବସ୍ଥା ଗମ୍ଭୀର ହେବାରୁ ପରିବାର ଲୋକେ ତାଙ୍କୁ ତିଗିରିଆ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରୁ ଆଠଗଡ଼ ଏବଂ ପରେ କଟକ ସ୍ଥାନାନ୍ତର କରାଯାଇଥିଲା।

### ୧୧ ନିଶ୍ଚେତକ ଯନ୍ତ୍ରକୁ ନେଇ ବିବାଦ
### ଏସ୍‌ସିବିରେ ଉଚ୍ଚସ୍ତରୀୟ ବୈଠକ

**କଟକ ଅଫିସ, ୨୫।୫**

ଓଡ଼ିଶା ରାଜ୍ୟ ମେଡିକାଲ ନିଗମ ପକ୍ଷରୁ ଏସ୍‌ସିବି ମେଡିକାଲକୁ ଯୋଗାଇ ଦିଆଯାଇଥିବା ୧୧ଟି ଅତ୍ୟାଧୁନିକ ନିଶ୍ଚେତକ ଯନ୍ତ୍ରକୁ ନେଇ ବିବାଦ ଉପୁଜିଛି। ୧ ମାସରୁ ଊର୍ଦ୍ଧ୍ୱ ସମୟ ହେବ ଉକ୍ତ ମେଶିନଗୁଡ଼ିକ ମେଡିକାଲକୁ ଆସିଥିଲେ ମଧ୍ୟ ଏହାକୁ କେହି ନେବା ପାଇଁ ରାଜି ହେଉନାହାନ୍ତି। ଯଦି କୌଣସି ବିଭାଗ ଉକ୍ତ ମେଶିନଗୁଡ଼ିକୁ ନ ନିଅନ୍ତି ତେବେ ସେଗୁଡ଼ିକୁ ଅନ୍ୟ ମେଡିକାଲ କଲେଜକୁ ପଠାଇଦେବା ପାଇଁ ଏସ୍‌ସିବିରେ ଶନିବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏସ୍‌ସିବି ପ୍ରିନ୍ସିପାଲ ପ୍ରଫେସର ଡା. ଜୟଶ୍ରୀ ମହାନ୍ତିଙ୍କ ଚାମ୍ବରରେ ଅନୁଷ୍ଠିତ ଏହି ବୈଠକରେ ଅଧୀକ୍ଷକ ପ୍ରଫେସର ଡା. ସିବିକେ ମହାନ୍ତି ଓ ନିଶ୍ଚେତନା ବିଭାଗର ଡାକ୍ତରମାନେ ଯୋଗଦେଇଥିଲେ। ସୂଚନାଥାଉ କି, ଅପରେଶନ ପୂର୍ବରୁ ରୋଗୀଙ୍କୁ ନିଶ୍ଚେତନା ଦେବା ସମୟରେ ଏହି ଯନ୍ତ୍ରର ଆବଶ୍ୟକତା ପଡ଼ିଥାଏ। ଗୋଟିଏ ଯନ୍ତ୍ରର ମୂଲ୍ୟ ଅତିକମ୍‌ରେ ୨୦ ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି। ଏସ୍‌ସିବିରେ ମୋଟ୍ ୩୨ଟି ଅପରେଶନ ଥିଏଟର (ଓଟି) ରହିଛି। ମାତ୍ର ବହୁମୂଲ୍ୟ ଟଙ୍କାର ଏହି ଅତ୍ୟାଧୁନିକ ଯନ୍ତ୍ରକୁ ଓଟିକୁ ନ ନେବା ପଛରେ ସ୍ଥାନ ଅଭାବ ହିଁ ମୂଳ କାରଣ ବୋଲି ଜଣାପଡ଼ିଛି। କାରଣ ଏହି ମେଶିନଗୁଡ଼ିକ ବୃହତ୍ ଆକାରର ହୋଇଥିବାରୁ ଓଟିରେ ଜାଗା ମାଡ଼ିବସିବ। ତେଣୁ ମେଶିନକୁ ରଖିଲେ ଓଟିର ଆକାରକୁ ବଢାଇବାକୁ ପଡ଼ିବ ବୋଲି ମେଡିକାଲର ଜଣେ ଡାକ୍ତର କହିଛନ୍ତି। ତେବେ ଏ ସମ୍ପର୍କରେ ଅଧୀକ୍ଷକ ପ୍ରଫେସର ମହାନ୍ତି କୁହନ୍ତି, ଖୁବ୍‌ଶୀଘ୍ର ଏହି ମେଶିନକୁ ନିଶ୍ଚେତନା ବିଭାଗକୁ ଦିଆଯିବାକୁ ବୈଠକରେ ସ୍ଥିର କରାଯାଇଛି।

### ସମ୍ଭାବ୍ୟ ବନ୍ୟା ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ବୈଠକ

**କଟକ ସଦର,୨୫।୫(ଡି.ଏନ୍.ଏ.)**

ମହାନଦୀ ଓ ତା'ର ଶାଖା ନଦୀରେ ସମ୍ଭାବ୍ୟ ବନ୍ୟା ନିୟନ୍ତ୍ରଣ ପାଇଁ ଶନିବାର ଏକ ସ୍ୱତନ୍ତ୍ର ବୈଠକ ସର୍ବୋଚ୍ଚ ମୁଖ୍ୟ ଯନ୍ତ୍ରୀ ଅକ୍ଷୟ କୁମାର ବାନାର୍ଜୀଙ୍କ ସଭାପତିତ୍ୱରେ କଟକର ଯୋବ୍ରାଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାନଦୀ ଓ ତା'ର ଶାଖା ନଦୀ କାଠଯୋଡି, ବିରୂପା ବନ୍ଧର ସୁଦୃଢତା ସମ୍ପର୍କରେ ନିର୍ବାହୀ ଯନ୍ତ୍ରୀମାନେ ମତବ୍ୟକ୍ତ କରିଥିଲେ। ଦୁର୍ବଳ ନଦୀ ବନ୍ଧକୁ ଜୁନ ମାସ ସୁଦ୍ଧା ମରାମତି କରିବା ପାଇଁ ମୁଖ୍ୟ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ସାହୁ, ପ୍ରଦୀପ କୁମାର ମହାନ୍ତି, ବିଭାଗୀୟ ଉପଦେଷ୍ଟା ଶତ୍ରୁଘ୍ନ ଦାଶ, ସନ୍ତୋଷ କୁମାର ପଟ୍ଟନାୟକ ଉପସ୍ଥିତ କଟକ, କେନ୍ଦ୍ରାପଡ଼ା, ଯାଜପୁର, ମୟୂରଭଞ୍ଜ, ବାଲେଶ୍ୱର, ଜଗତ୍‌ସିଂହପୁର ଜିଲାର ନିର୍ବାହୀ ଯନ୍ତ୍ରୀଙ୍କୁ ପରାମର୍ଶ ଦେଇଥିଲେ। କଟକ ସଦର ବ୍ଲକ ଅନ୍ତର୍ଗତ ଗତିରାଉତପାଟଣାରୁ ବାଙ୍କଳ ମଧ୍ୟରେ ମହାନଦୀରେ ଗଢି ଉଠିଥିବା ନୂଆ ପଠାଗୁଡିକୁ ଭାଙ୍ଗିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଫଳରେ ବନ୍ୟା ସମୟରେ ପାଣି ବାଟରେ ନ ଅଟକି ସିଧାସଳଖ ସମୁଦ୍ରକୁ ଯାଇପାରିବ। ଏହି ନୂଆ ପଠାଦ୍ୱାରା ବନ୍ୟା ଜଳ ତଳମୁଣ୍ଡକୁ ସୁରୁଖୁରୁରେ ନିଷ୍କାଷିତ ନ ହୋଇପାରିବା ଦ୍ୱାରା ନଦୀ ଜଳ ଫୁଲି ଉଠୁଥିଲା। ଏଥିପାଇଁ ଟ୍ରାକ୍ଟର ଲଗାଇ ପଠାରେ ଜମି ରହିଥିବା ପଟୁ ମାଟିକୁ ଚାଷ କରି ହାଲୁକା କରାଯିବ। ବନ୍ୟାଜଳ ପ୍ରବେଶ କଲାମାତ୍ରେ ପଠାଗୁଡିକ ଭାଙ୍ଗିଯିବ। ଏହି ବୈଠକରେ ଇଷ୍ଟର୍ନ ସର୍କଲର ଅଧୀକ୍ଷଣ ଯନ୍ତ୍ରୀ ବାଲେଶ୍ୱର ନାଥ ସାହୁ ଉପସ୍ଥିତ ଥିଲେ।



ବଡ଼ମ୍ବାର ପ୍ରସିଦ୍ଧ ଚନ୍ଦନ ଯାତ୍ରା ଉପଲକ୍ଷେ ଶନିବାର ଗୋପୀନାଥଦେବଙ୍କ ସମେତ ଅନ୍ୟ ଦେବଦେବୀଙ୍କୁ ଚାପ ଖେଳାଯାଉଛି।

■ ବଡ଼ମ୍ବା ଚନ୍ଦନ ମହୋତ୍ସବର ୩ୟ ଦିବସ

### ମନୋରଞ୍ଜନର ଖୋରାକ ଯୋଗାଉଛି ସାଂସ୍କୃତିକ କାର୍ଯ୍ୟକ୍ରମ

**ବଡ଼ମ୍ବା,୨୫।୫(ଡି.ଏନ.ଏ.)**

ବଡ଼ମ୍ବାର ପ୍ରସିଦ୍ଧ ଚନ୍ଦନ ମହୋତ୍ସବ ଶନିବାର ୩ୟ ଦିବସରେ ପହଞ୍ଚିଛି। ଗୁରୁବାରଠାରୁ ଆରମ୍ଭ ହୋଇଥିବା ଏହି ମହୋତ୍ସବର ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହା ଦର୍ଶକଙ୍କୁ ଖୁବ୍ ମନୋରଞ୍ଜନର ଖୋରାକ ଯୋଗାଉଛି। ବଡ଼ମ୍ବା ରାଜା ସାହେବେ ତ୍ରିବିକ୍ରମ ଚନ୍ଦ୍ର ବୀରବର ମଙ୍ଗରାଜ ମହାପାତ୍ର ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ମହୋତ୍ସବ କମିଟି ସଭାପତି ଦେବରାଜ ପାଟ୍ଟଶାଣୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ମହୋତ୍ସବରେ ସମ୍ମାନିତ ଅତିଥିଭାବେ କୁମାର ସାହେବ ତ୍ରିଭୁବନ ଚନ୍ଦ୍ରଦେବ ମହୋତ୍ସବର ମହତ୍ତ୍ୱ ପ୍ରତିପାଦନ କରିଥିଲେ। ମହୋତ୍ସବ କମିଟି ସମ୍ପାଦକ କୃଷ୍ଣଚନ୍ଦ୍ର ତରାସିଆ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ରମେଶ ଚନ୍ଦ୍ର ବେହେରା ଓ ଶିବ ପ୍ରସାଦ ବ୍ରହ୍ମା ସଂଯୋଜନା କରିଥିଲେ। ସଭାପତି ପାଟଶାଣୀ ସ୍ୱାଗତ ଭାଷଣ ଦେଇଥିଲେ।

ଏହି ଅବସରରେ ସମ୍ବଲପୁରର ମୟୂରୀ ଡ୍ୟାନ୍ସ ଗ୍ରୁପ୍, ପ୍ରଣାମ ଗ୍ରୁପ୍ ଡ୍ୟାନ୍‌ସ ଓ ଶ୍ରୀକାନ୍ତ ଡ୍ୟାନ୍‌ସ ଗ୍ରୁପ୍ ବଡ଼ମ୍ବା କଳାକାରଙ୍କ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ବେଶ୍ ଆକର୍ଷଣୀୟ ହୋଇଥିଲା। ମହୋତ୍ସବର ଦ୍ୱିତୀୟ ଓ ତୃତୀୟ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ଅକ୍ଷୟ ତୃତୀୟାଠାରୁ ଚାଲିଥିବା ବଡ଼ମ୍ବାର ପ୍ରସିଦ୍ଧ ଚନ୍ଦନଯାତ୍ରା ଶନିବାର ୧୯ଦିନରେ ପହଞ୍ଚିଥିବାବେଳେ ଶ୍ରୀଶ୍ରୀ ଗୋପୀନାଥଦେବଙ୍କ ସମେତ, ଲୋକନାଥ ଦେବ, ସିଂହନାଥଦେବ, ରାଧାକାନ୍ତ ଦେବ, ଭୂଦେବୀ ଓ ଶ୍ରୀ ଦେବୀଙ୍କ ଚଳନ୍ତି ପ୍ରତିମା ଚାପରେ ବିଜେ ହୋଇ ବିଧି ଅନୁଯାୟୀ ୧୯ଥର ଚାପ ଖେଳିଥିଲେ। ମହୋତ୍ସବ ପଡ଼ିଆରେ ପଡ଼ିଥିବା ମିନା ବଜାର ଯୋଗୁ ପ୍ରତ୍ୟହ ପ୍ରବଳ ଜନସମାଗମ ହେଉଥିବା ଦେଖାଯାଇଛି। ଏହି ଉତ୍ସବ ଆସନ୍ତା ୨୭ରେ ଉଦ୍‌ଯାପିତ ହେବ।

### ଜୟନ୍ତୀ ଉତ୍ସବରେ ଭିକାରୀ ବଳଙ୍କୁ ଶ୍ରଦ୍ଧାଞ୍ଜଳି



ଖାନନଗର ଭିକାରୀ ବଳ ପାର୍କ ପରିସରରେ ଭିକାରୀ ବଳ ସ୍ମୃତି ସଂସଦ ପକ୍ଷରୁ ଭିକାରୀ ବଳଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରିଥିବା ବ୍ୟକ୍ତିବିଶେଷ।

**କଟକ ଅଫିସ,୨୫।୫**

କଣ୍ଠଶିଳ୍ପୀ ଭଜନ ସମ୍ରାଟ ଭିକାରୀ ବଳଙ୍କ ଦୁଇଦିନିଆ ଜୟନ୍ତୀ ଉତ୍ସବ ଭିକାରୀ ବଳ ସ୍ମୃତି ସଂସଦ ଆନୁକୂଲ୍ୟରେ ଖାନନଗରସ୍ଥିତ ଭିକାରୀ ବଳ ପାର୍କଠାରେ ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ଅରୁଣ କୁମାର ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ସଂସଦର ସମ୍ପାଦକ ଡ. ସୁନାମଣି ରାଉତ ଉତ୍ସବର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏଥିରେ ବରଦା ପ୍ରସନ୍ନ ପଟ୍ଟନାୟକ, ଛନ୍ଦା ଚରଣ ମହାପାତ୍ର, ଚିତ୍ରଶିଳ୍ପୀ ମହେନ୍ଦ୍ର ପ୍ରସାଦ ମହାପାତ୍ର, ଡା. ଚଣ୍ଡି ଦାସ, ଡା. ସିଦ୍ଧାର୍ଥ ଦାସ, ଭୁବନାନନ୍ଦ ମହାନ୍ତି, ନାଟ୍ୟକାର ଅଭୟ ଦାସ, ଅଧ୍ୟାପକ କମଳ ମାହୁନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଏହା ସହ ଭିକାରୀ ବଳଙ୍କ କନ୍ୟା କଳ୍ପନା ବଳ, ପୁତ୍ର ଅଶୋକ ବଳ, ଅମୀୟ ବଳ, ନାତି ସ୍ୱାଗତ ରାଉତ, ରଶ୍ମିରଞ୍ଜନ ମହାପାତ୍ର, ତ୍ରିଲୋଚନ ମହାକୁଳ, ବିଷ୍ଣୁ ଚରଣ ପଣ୍ଡା, ଗୌତମ ଚନ୍ଦ୍ର କର ପ୍ରମୁଖ ଯୋଗଦେଇ ଭିକାରୀ ବଳଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

## ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ, ହତ୍ୟା ଅଭିଯୋଗ

■ଡାକ୍ତର ନ ଥିବାରୁ ହୋଇ ପାରିଲାନି ବ୍ୟବଚ୍ଛେଦ
■ଖାଲି ପଡ଼ିଛି ଉପଖଣ୍ଡ ଚିକିତ୍ସା ଅଧିକାରୀ ପଦବୀ
■ବିଧାୟକ ଓ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଦାବି

**ବାଙ୍କୀ,୨୫।୫(ସ୍ୱ.ପ୍ର.)**

ବାଙ୍କୀ ଥାନା ଅନ୍ତର୍ଗତ ଘୋଡ଼ାବର ଗ୍ରାମର ଜଣେ ମହିଳାଙ୍କ ଶନିବାର ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ ଗ୍ରାମର ସାରଙ୍ଗ ପରିଡ଼ାଙ୍କ ସ୍ତ୍ରୀ ରଞ୍ଜୁ ପରିଡ଼ା(୨୮)। ଅନ୍ୟପକ୍ଷରେ ମୃତ ମହିଳାଙ୍କ ବାପା ତିଗିରିଆ ଥାନା ଅଧୀନ ପଇଡ଼ିରା ଗ୍ରାମର ପ୍ରମୋଦ ବେହେରା ଥାନାରେ ହତ୍ୟା ଅଭିଯୋଗ କରିଛନ୍ତି। ତାଙ୍କ ଝିଅକୁ ଶାଶୁଘର ଲୋକେ ଆଗରୁ ନିର୍ଯାତନା ଦେଉଥିଲେ। ଏବେ ହତ୍ୟା କରିଛନ୍ତି ବୋଲି ଅଭିଯୋଗରେ ଦର୍ଶାଇଛନ୍ତି। ଅଭିଯୋଗ ପାଇବା ପରେ ପୋଲିସ ମାମଲା ନଂ-୧୨୪/୧୯ ରୁଜୁ କରିବା ସହ ଦଫା ୪୯୮ଏ, ୨୯୪, ୩୦୪ବି, ୩୪ ଆଇପିସି, ୪ ଡିପି ଲଗାଇ ତଦନ୍ତ ଆରମ୍ଭ କରିଛି। ସମ୍ପୃକ୍ତ ମହିଳା ନିଜ ପିନ୍ଧାଲୁଗାରେ ରଶି ଲଗାଇ ଝୁଲୁଥିଲା ବେଳେ ପୋଲିସ ପହଞ୍ଚି ମୃତଦେହ ଜବତ କରିଛି। ମୃତ୍ୟୁ ପୂର୍ବରୁ ସେ ଏକ ଚିଠି ଲେଖି ଯାଇଛନ୍ତି। ଚିଠିରେ ଦର୍ଶାଇଛନ୍ତି, ମୁଁ କ'ଣ ଥିଲି ମରିଗଲା ପରେ ସମସ୍ତେ ଜାଣିବେ। ଏକଥା ମୃତ୍ୟୁ ଘଟଣାକୁ ରହସ୍ୟ କରିଛି। ପୋଲିସ ଏହି ଚିଠିଟିକୁ ଜବତ କରିବା ପରେ ତଦନ୍ତକୁ ତ୍ୱରାନ୍ୱିତ କରିଛି। ଏହି ଘଟଣା ପରେ ମହିଳାଙ୍କ ଶାଶୁଘର ଲୋକେ ଫେରାର ହୋଇଯାଇଛନ୍ତି। ସେହିପରି ମହିଳାଙ୍କ ମୃତ୍ୟୁପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ ମଧ୍ୟ ସେଠାରେ ଆବଶ୍ୟକ ଡାକ୍ତର ନ ଥିବାରୁ ବ୍ୟବଚ୍ଛେଦ ହୋଇ ପାରିନାହିଁ।

ପ୍ରକାଶ ଯେ, ସକାଳେ ରଞ୍ଜୁ ଆତ୍ମହତ୍ୟା କରିଥିବା ଜାଣିବାପରେ ସମ୍ପର୍କୀୟମାନେ ସରଣ୍ଡା ଫାଣ୍ଡିରେ ଜଣାଇଥିଲେ। ଫାଣ୍ଡି ଅଧିକାରୀ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ। ରଞ୍ଜୁଙ୍କୁ ସମ୍ପର୍କୀୟ ଏକ ଘରୋଇ ଆମ୍ବୁଲାନ୍ସରେ ଚିକିତ୍ସାଳୟକୁ ଆଣିଥିଲେ। ପରେ ଥାନା ମହିଳା ଅଧିକାରୀ ସ୍ନିଗ୍ଧାମୟୀ ବରାଳ ପହଞ୍ଚି ସମସ୍ତ ଘଟଣାର ତଦନ୍ତ କରି ବ୍ୟବଚ୍ଛେଦ ନିମନ୍ତେ ଉପଖଣ୍ଡ ଚିକିତ୍ସା ଅଧିକାରୀଙ୍କୁ ଜଣାଇଥିଲେ। ମାତ୍ର ଉପଖଣ୍ଡ ଚିକିତ୍ସା ଅଧିକାରୀ ଦାୟିତ୍ୱରେ ଥିବା ଡା. ଧୂଳେଶ୍ୱର ପ୍ରଧାନ ଅନୁପସ୍ଥିତ ଥିଲେ। ତାଙ୍କ ଦାୟିତ୍ୱରେ ଥିବା ଅନ୍ୟତମ ଶିଶୁ ଡା. ବନବାସୀ ବେହେରା କହିଥିଲେ, ବ୍ୟବଚ୍ଛେଦ ନିମନ୍ତେ ଦୁଇ ଡାକ୍ତରଙ୍କ ଆବଶ୍ୟକତା ରହିଛି। ତେଣୁ ଜଣେ ଡାକ୍ତର ନ ଥିବାରୁ ବ୍ୟବଚ୍ଛେଦ ହୋଇ ପାରିବ ନାହିଁ। ମୃତଦେହକୁ ଫ୍ରିଜରରେ ରଖାଯାଇ ରବିବାର ବ୍ୟବଚ୍ଛେଦ କରାଯିବ। କିନ୍ତୁ ୮ମାସ ହେଲା ଫ୍ରିଜରଟି ଅଚଳ ହୋଇପଡ଼ିଛି। ଶେଷରେ ମୃତ ମହିଳାଙ୍କ ସମ୍ପର୍କୀୟମାନେ ବରଫଖଣ୍ଡ ଆଣି ଫ୍ରିଜରରେ ମୃତଦେହକୁ ରଖିଛନ୍ତି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ବାଙ୍କୀ ଜନସାଧାରଣ ନବନିର୍ବାଚିତ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଓ ଚିକିତ୍ସାଳୟର ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସୂଚନାଯୋଗ୍ୟ, ଉପଖଣ୍ଡ ଚିକିତ୍ସା ଅଧିକାରୀ ଡା. ପଦ୍ମଲୋଚନ ପଣ୍ଡା ଅବସର ଗ୍ରହଣ କରିବା ପରେ ଦୀର୍ଘ ଦିନ ହେଲା ଏହି ପଦବୀ ଖାଲି ପଡ଼ିଛି। ବର୍ତ୍ତମାନ ଏହି ଚିକିତ୍ସାଳୟ ଅବ୍ୟବସ୍ଥା ମଧ୍ୟରେ ଚାଲିଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨୬ ମେ, ୨୦୧୯



❝ କ୍ଲାନ୍ତି ପରେ ବିଶ୍ରାମ ଯେଉଁ ଆନନ୍ଦ ଦିଏ, କୌଣସି ପ୍ରକାରର ବିଳାସ ସେହି ପରି ଆନନ୍ଦ ଦେଇପାରିବ ନାହିଁ:
- **ନେପୋଲିୟନ**



## ସଂକ୍ଷେପରେ

### ଦୁଇ ପରିବାରରେ ଗଣ୍ଡଗୋଳ, ଜଣେ ଗିରଫ

**ଖୁଣ୍ଟୁଣୀ,୨୫।୫(ଡି.ଏନ୍.ଏ.):** ଗୁରୁଡିଝାଟିଆ ଥାନା ଅନ୍ତର୍ଗତ ଛୋଟିଆମ୍ବ ଗ୍ରାମରେ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟଣାରେ ଶନିବାର ପୋଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ସ୍ମୃତିରଞ୍ଜନ ବେହେରା। ପୋଲିସ ସୂଚନା ଅନୁଯାୟୀ, ଏହି ଗ୍ରାମର ସୁବାସ ଓ ସ୍ମୃତିରଞ୍ଜନଙ୍କ ପରିବାର ମଧ୍ୟରେ ଦୀର୍ଘଦିନ ହେବ ଶତ୍ରୁତା ଲାଗି ରହିଥିଲା। ଶୁକ୍ରବାର ଏହି ଶତ୍ରୁତାକୁ ନେଇ ଉଭୟ ପରିବାର ମଧ୍ୟରେ ମାରପିଟ୍ ହୋଇଥିଲା। ସ୍ମୃତିରଞ୍ଜନ ଉତ୍ୟକ୍ତ ହୋଇ ଏକ ମାରଣାସ୍ତ୍ରରେ ସୁବାସଙ୍କ ମୁଣ୍ଡ ଓ କାନ୍ଧରେ ପ୍ରହାର କରିଥିଲେ। ଫଳରେ ସେ ତଳେ ପଡିଯାଇଥିଲେ। ତାଙ୍କୁ ଚିକିତ୍ସା ପାଇଁ ପ୍ରଥମେ ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସୁବାସଙ୍କ ଝିଅ ସୁଜାତା ସାହୁଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୪୮/୧୯)ରୁଜୁ କରି ସ୍ମୃତିରଞ୍ଜନଙ୍କୁ ଗିରଫ କରିଥିଲା।

### ଖବରକାଗଜ ବିକ୍ରେତାଙ୍କୁ ମାଡ଼ ଅଭିଯୋଗ

**ଚୌଦ୍ୱାର,୨୫।୫(ଡି.ଏନ୍.ଏ.):** ଖବରକାଗଜ ବିକ୍ରେତା ରଞ୍ଜନ ପୃଷ୍ଟିଙ୍କୁ ମାଡ଼ ମାରିବା ସହ ତାଙ୍କଠାରୁ ମୋବାଇଲ ଫୋନ ଓ ୪ହଜାର ଟଙ୍କା ଛଡାଇ ନେଇଥିବା ନେଇ ଶୁକ୍ରବାର ଚୌଦ୍ୱାର ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଏହି ଥାନା ଅଧୀନ ମହିଁଷାଲଣ୍ଡାର ରଞ୍ଜନ ଶୁକ୍ରବାର ସକାଳୁ ଖବରକାଗଜ ନେଇ ଯାଉଥିଲେ। ଉକ୍ତ ଅଞ୍ଚଳର ସରପଞ୍ଚଙ୍କ ସ୍ୱାମୀ ତାଙ୍କୁ ଗ୍ରାମ ଛକରେ ଅଟକାଇ ଗାଳିଗୁଲଜ କରିବା ସହ ମାଡ଼ମାରି ମୋବାଇଲ ଫୋନ ଓ ଫୋନ କଭର ଭିତରେ ଥିବା ୪ହଜାର ଟଙ୍କା ଛଡାଇ ନେଇଯାଇଥିଲେ। ଏଥିସହିତ ଥାନାରେ ଅଭିଯୋଗ କଲେ ଜୀବନରେ ମାରି ଦେବେ ବୋଲି ଧମକ ଦେଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ଅପରପକ୍ଷେ ସରପଞ୍ଚଙ୍କ ସ୍ୱାମୀ ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ଉଭୟପକ୍ଷର ଅଭିଯୋଗକୁ ଭିତ୍ତିକରି ପୋଲିସ ଘଟଣାର ତଦନ୍ତ ଚଳାଇଛି।

### ଘରଭଙ୍ଗା ତାଲିକା ପ୍ରସ୍ତୁତିରେ ପକ୍ଷପାତିତା ଅଭିଯୋଗ

**କଣ୍ଟାପଡ଼ା,୨୫।୫(ଡି.ଏନ୍.ଏ.):** ବାତ୍ୟା 'ଫନୀ'ରେ କଣ୍ଟାପଡା ବ୍ଲକ ଅଞ୍ଚଳରେ ବହୁ ପରିବାରର ଘର ଭାଙ୍ଗିଯାଇଥିଲା। ଏଥିରେ କ୍ଷତିଗ୍ରସ୍ତ ପରିବାରଙ୍କ ଘରଭଙ୍ଗା ତାଲିକା ପ୍ରସ୍ତୁତିରେ ପକ୍ଷପାତିତା ହେଉଛି ବୋଲି ବାଗଲପୁର ପଞ୍ଚାୟତ ପଧାନସାହି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏନେଇ ଶନିବାର ଉକ୍ତ ଗ୍ରାମବାସୀ କଣ୍ଟାପଡା ତହସିଲଦାରଙ୍କୁ ଲିଖିତଭାବେ ଜଣାଇଛନ୍ତି। ଅଭିଯୋଗରୁ ଜଣାପଡିଛି ଯେ, ବାତ୍ୟା ପରେ ୨ଜଣ ସରକାରୀ କର୍ମଚାରୀଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ତାଲିକା ଅନୁଯାୟୀ ଜିଓଟ୍ୟାଗ କରାଯାଇଥିଲା। ତେବେ ଉକ୍ତ କର୍ମଚାରୀଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ତାଲିକାରେ ପକ୍ଷପାତିତା କରାଯାଇ ପ୍ରକୃତରେ ବାସଗୃହ ହରାଇଥିବା କେତେଜଣ ପରିବାରକୁ ଏଥିରୁ ବାଦ ଦିଆଯାଇଥିବାରୁ ସେମାନେ ଏବେ କ୍ଷତିପୂରଣ ପାଇବାରୁ ବଞ୍ଚିତ ହେବାକୁ ଯାଉଛନ୍ତି। ଘଟଣା ଜଣାପଡିବା ପରେ ଉକ୍ତ ଗ୍ରାମର ଶତାଧିକ ଲୋକ କଣ୍ଟାପଡା ତହସିଲଦାରଙ୍କୁ ଭେଟି ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ତୁରନ୍ତ ପଦକ୍ଷେପ ନିଆ ନ ଗଲେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଗ୍ରାମବାସୀ କହିଛନ୍ତି। ଅନ୍ୟପକ୍ଷରେ ଏ ସମ୍ପର୍କରେ କଣ୍ଟାପଡା ତହସିଲଦାର ଆର୍ତ୍ତତ୍ରାଣ ମଲ୍ଲିକ କୁହନ୍ତି, ଯେଉଁମାନେ ଏଥିରୁ ବଞ୍ଚିତ ହୋଇଛନ୍ତି ସେମାନେ ବ୍ୟକ୍ତିଗତ ଭାବେ ଦରଖାସ୍ତ କଲେ ଆମେ ତଦନ୍ତକରି କାର୍ଯ୍ୟାନୁଷ୍ଠାନ ନେବୁ।

### ରାମଲୀଳା ନାଟକ ମହୋତ୍ସବ ଉଦ୍‌ଘାଟିତ

**ବାରଙ୍ଗ/ନରାଜ,୨୫।୫(ଡି.ଏନ୍.ଏ.):** ବାରଙ୍ଗ ବ୍ଲକ ଅନ୍ତର୍ଗତ ତ୍ରିଶୁଳିଆ ବଜାରଠାରେ ଆଞ୍ଚଳିକ ରାମଲୀଳା ପ୍ରଚାର ସମିତି ଆନୁକୂଲ୍ୟରେ ୪୮ତମ ରାମଲୀଳା ମହୋତ୍ସବ ଉଦ୍‌ଘାଟିତ ହେଇଯାଇଛି। ୨ଦିନ ଧରି ଅନୁଷ୍ଠିତ ଏହି ମହୋତ୍ସବର ପ୍ରଥମ ସନ୍ଧ୍ୟାରେ ମା' କନକଦୁର୍ଗା ରାମଲୀଳା ସମିତି ମୁଣ୍ଡମୁହାଣ ପକ୍ଷରୁ ମର୍ଯ୍ୟାଦା ପୁରୁଷ ପ୍ରଭୁ ରାମଚନ୍ଦ୍ରଙ୍କ କଥାମୃତ ଉପରେ ଆଧାରିତ ଲୋକପ୍ରିୟ ଲୀଳା ରାମବନବାସ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମ ଆଞ୍ଚଳିକ ରାମଲୀଳା ପ୍ରଚାର ସମିତିର କାର୍ଯ୍ୟକର୍ତ୍ତା ଓ ସ୍ଥାନୀୟ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ପରିଚାଳିନା କରାଯାଉଅଛି।

■ ସହରବାସୀଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଣ ମାମଲା

# ହାଇକୋର୍ଟଙ୍କ ନିର୍ଦ୍ଦେଶ ମାନୁନି ସିଏମ୍‌ସି

**କଟକ ଅଫିସ, ୨୫।୫**

ରାଜ୍ୟବାସୀଙ୍କୁ ବିଶୁଦ୍ଧ ପାନୀୟଜଳ ମିଳୁନି। ଏହାକୁ ନେଇ ରାଜ୍ୟର ଅଗ୍ରଣୀ ସାମାଜିକ ସଂଗଠନ ମୈତ୍ରୀ ସଂସଦ ପକ୍ଷରୁ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରାଯାଇଥିଲା। ଏହି ମାମଲା ହାଇକୋର୍ଟଙ୍କ ବିଚାରାଧୀନ ଥିବାବେଳେ ୨୦୧୮ ଗ୍ରୀଷ୍ମ ଋତୁରେ କଟକ ମହାନଗର ନିଗମ (ସିଏମ୍‌ସି) ନିଜ ପକ୍ଷରୁ କଟକ ସହରବାସୀଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଣର ବ୍ୟବସ୍ଥା ନ କରି କେତୋଟି ସ୍ଥାନୀୟ ସଂଗଠନ ଓ ଘରୋଇ ସଂସ୍ଥା ମାଧ୍ୟମରେ ସହରରେ ଜଳଛତ୍ର କେନ୍ଦ୍ରମାନ ଖୋଲିଥିଲା। ଉକ୍ତ କେନ୍ଦ୍ର ଖୋଲିବା ପାଇଁ ସିଏମ୍‌ସି କାଉନସିଲର ମଧ୍ୟ ଅନୁମତି ନିଆଯାଇ ନ ଥିଲା। ଏହା ଲୋକଙ୍କ ନଜରକୁ ଆସିବା ପରେ ଜଳଛତ୍ର କେନ୍ଦ୍ର ଖୋଲାଯିବାରେ ଅନିୟମିତତା ଓ ଉକ୍ତ ଜଳଛତ୍ର କେନ୍ଦ୍ରଗୁଡିକରେ ଯୋଗାଇ ଦିଆଯାଉଥିବା ପାନୀୟଜଳର ଗୁଣବତ୍ତା ଉପରେ ସନ୍ଦେହ ସୃଷ୍ଟି ହୋଇଥିଲା। ଫଳରେ ମୈତ୍ରୀ ସଂସଦ ପକ୍ଷରୁ ଉକ୍ତ ଜଳଛତ୍ର କେନ୍ଦ୍ରଗୁଡିକରୁ ଜଳ ନମୁନା ସଂଗ୍ରହ ପରେ ପରୀକ୍ଷା କରି ତା'ର ମାନ ନିର୍ଦ୍ଧାରଣ ପାଇଁ ଦାବି କରି ଜିଲାପାଳ ଓ ସିଡିଏମ୍‌ଓଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ସିଡିଏମ୍‌ଓ ଉପରୋକ୍ତ ଜଳଛତ୍ର କେନ୍ଦ୍ର ମଧ୍ୟରୁ ୧୦ଟି କେନ୍ଦ୍ରରୁ ପାନୀୟଜଳ ନମୁନା ସଂଗ୍ରହ କରି ପରୀକ୍ଷା କରାଇବା ପରେ ତନ୍ମଧ୍ୟରୁ ୮ଟି କେନ୍ଦ୍ରର ଜଳ ନମୁନାରୁ ଇ-କୋଲି କୀଟାଣୁର ସନ୍ଧାନ ମିଳିଥିଲା। ଏହି ଜଳ ପାନୀୟଜଳ ରୂପେ ବ୍ୟବହାର ପାଇଁ ଆଦୌ ନିରାପଦ ନୁହେଁ ବୋଲି ସିଡିଏମ୍‌ଓ ତାଙ୍କ ରିପୋର୍ଟ ମାଧ୍ୟମରେ ଜିଲାପାଳଙ୍କୁ ଅବଗତ କରାଇଥିଲେ।

ଅନ୍ୟପକ୍ଷରେ ସହରର ବିଭିନ୍ନ ଅଞ୍ଚଳକୁ ଯୋଗାଇ ଦିଆଯାଇଥିବା ଦୂଷିତ ପାନୀୟଜଳକୁ ପିଇବା ଫଳରେ ଲୋକେ ଜଣ୍ଡିସ୍‌ରେ ଆକ୍ରାନ୍ତ ହୋଇଥିଲେ। ହେଲେ ଏଥିପାଇଁ କାହାରିକୁ ଦାୟୀ କରାଯାଇ ନ ଥିଲା। ଉପରୋକ୍ତ ଜଳ ନମୁନା ରିପୋର୍ଟ ମୈତ୍ରୀ ସଂସଦର ହସ୍ତଗତ ହୋଇଥିଲା। ଉକ୍ତ ଜଳଛତ୍ର କେନ୍ଦ୍ର ଖୋଲାଯିବାରେ ଅନିୟମିତତା, ସହରବାସୀଙ୍କୁ ଦୂଷିତ ପାନୀୟଜଳ ଯୋଗାଇବା ଓ ଏହାକୁ ପିଇ ବହୁ ସଂଖ୍ୟାରେ ଜନସାଧାରଣ ଜଣ୍ଡିସ ଦ୍ୱାରା ଆକ୍ରାନ୍ତ ହେବା, ଏଥିପାଇଁ କେଉଁମାନେ ଦାୟୀ ତାହା ଜାଣିବା ଲାଗି ଏକ ନିରପେକ୍ଷ ସ୍ୱତନ୍ତ୍ର ତଦନ୍ତକାରୀ ସଂସ୍ଥା ଗଠନ କରିବାକୁ ହାଇକୋର୍ଟରେ ଅନ୍ତରୀଣ ଆବେଦନ କରାଯାଇଥିଲା। ଉକ୍ତ ଆବେଦନର ଶୁଣାଣି ୨୦୧୮ ଅଗଷ୍ଟ ୯ ତାରିଖରେ ହାଇକୋର୍ଟରେ

**ସିଏମ୍‌ସି କମିଶନରଙ୍କୁ ଜିଲାପାଳଙ୍କ ଚିଠି**

ହୋଇଥିଲା। ୨୦୧୯ ଗ୍ରୀଷ୍ମ ଅବଧି ସମୟରେ କଟକ ସହରବାସୀଙ୍କୁ କିପରି ବିଶୁଦ୍ଧ ପାନୀୟଜଳ ଯୋଗାଇ ଦିଆଯାଇପାରିବ ସେଥିପାଇଁ ସିଡିଏମ୍‌ଓ, ଜିଲାପାଳ ଓ ସିଏମ୍‌ସି କମିଶନରଙ୍କ ସହିତ ଆଲୋଚନା କରି ଏକ ଯୋଜନା ପ୍ରସ୍ତୁତ କରିବାକୁ ହାଇକୋର୍ଟ କହିଥିଲେ। ଏପରିକି ଏକମାସ ମଧ୍ୟରେ ହାଇକୋର୍ଟରେ ଶପଥପାଠ ଜରିଆରେ ଜଣାଇବା ପାଇଁ ସିଏମ୍‌ସି କମିଶନରଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟଙ୍କର ଉପରୋକ୍ତ ନିର୍ଦ୍ଦେଶ ଦେବାକୁ ଦୀର୍ଘ ୮ ମାସ ବିତି ଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ସିଏମ୍‌ସି ପକ୍ଷରୁ ଉପରୋକ୍ତ ନିର୍ଦ୍ଦେଶକୁ ପାଳନ କରାଯାଇନାହିଁ। ଇତିମଧ୍ୟରେ ଗ୍ରୀଷ୍ମ ଶେଷ ହେବାକୁ ବସିଲାଣି। ହେଲେ ସିଏମ୍‌ସି କିମ୍ବା ଜିଲା ପ୍ରଶାସନ ପକ୍ଷରୁ ସହରରେ ଜଳଛତ୍ରର କୌଣସି ବ୍ୟବସ୍ଥା କରାଯାଇ ନାହିଁ। ଏହା ମଧ୍ୟରେ ଜନସ୍ୱାସ୍ଥ୍ୟ ବିଭାଗ ଓ ସିଏମ୍‌ସି ତରଫରୁ ଦୂଷିତ ପାନୀୟଜଳ ବିତରଣ କରାଯାଉଛି। ଉକ୍ତ ଦୂଷିତ ପାନୀୟଜଳକୁ ପିଇବା ଦ୍ୱାରା ସହରର ବିଭିନ୍ନ ଅଞ୍ଚଳରେ ଜଣ୍ଡିସ, ଝାଡ଼ାବାନ୍ତି ବ୍ୟାପୁଥିବା ମୈତ୍ରୀ ସଂସଦ ପକ୍ଷରୁ କୁହାଯାଇଛି। ବିଶେଷକରି କାଠଗଡ଼ା ସାହିରେ ପୁନର୍ବାର ଜଣ୍ଡିସ ଦେଖାଦେଇଥିବା ସଂସଦ ପକ୍ଷରୁ ଉଦାହରଣ ସହିତ କୁହାଯାଇଛି। ମୈତ୍ରୀ ସଂସଦ ପକ୍ଷରୁ ଜିଲା ପ୍ରଶାସନ, ସିଏମ୍‌ସି ଓ ଜନସ୍ୱାସ୍ଥ୍ୟ ବିଭାଗକୁ ଏ ସମ୍ପର୍କରେ ସ୍ମାରକପତ୍ର ଦିଆଯାଇଥିଲା। ଜିଲାପାଳ ଉକ୍ତ ସ୍ମାରକପତ୍ର ପାଇବା ପରେ ସିଏମ୍‌ସି କମିଶନରଙ୍କୁ ୩ ଦିନ ମଧ୍ୟରେ ଏ ସମ୍ବନ୍ଧରେ ଏକ ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶନାମା ସିଏମ୍‌ସି କମିଶନରଙ୍କ ହସ୍ତଗତ ହୋଇସାରିଛି। ମାତ୍ର ଜିଲାପାଳଙ୍କ ନିର୍ଦ୍ଦେଶକୁ ୩ ଦିନ ବିତି ଯାଇଥିଲେ ମଧ୍ୟ ସିଏମ୍‌ସି କମିଶନର ଜିଲାପାଳଙ୍କ ନିକଟରେ କୌଣସି ରିପୋର୍ଟ ଏ ପର୍ଯ୍ୟନ୍ତ ଦାଖଲ କରି ନ ଥିବା ମୈତ୍ରୀ ସଂସଦ ସଭାପତି ଅଜୟ ମହାନ୍ତି କହିଛନ୍ତି। ଏ ସମ୍ପର୍କରେ ସିଏମ୍‌ସି କମିଶନର ଶରତ ନାୟକ କୁହନ୍ତି, ସିଏମ୍‌ସି କାଉନ୍‌ସିଲ ଭଙ୍ଗ ହେବା ପରେ ଆରଡିସିଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକରେ ଏ ନେଇ ଆଲୋଚନା ହୋଇଥିଲା। ପାନୀୟଜଳ ଯୋଗାଣ ସମ୍ପର୍କରେ ଏକ ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରାଯାଇଛି। ଉକ୍ତ ରିପୋର୍ଟକୁ ହାଇକୋର୍ଟରେ ଦାଖଲ କରାଯିବ।



ବାରଙ୍ଗ ବ୍ଲକ ନଗରୀ ପଞ୍ଚାୟତର ବାଟପୁରଣ ଗ୍ରାମର ମା' ମାଙ୍ଗବରୁଣେଇଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ କଳସ ଶୋଭାଯାତ୍ରା।

## ୧୧ ନିଶ୍ଚେତକ ଯନ୍ତ୍ରକୁ ନେଇ ବିବାଦ

**କଟକ ଅଫିସ, ୨୫।୫**

ଓଡ଼ିଶା ରାଜ୍ୟ ମେଡିକାଲ ନିଗମ ପକ୍ଷରୁ ଏସ୍‌ସିବି ମେଡିକାଲକୁ ଯୋଗାଇ ଦିଆଯାଇଥିବା ୧୧ଟି ଅତ୍ୟାଧୁନିକ ନିଶ୍ଚେତକ ଯନ୍ତ୍ରକୁ ନେଇ ବିବାଦ ଉପୁଜିଛି। ୧ ମାସରୁ ଊର୍ଦ୍ଧ୍ୱ ସମୟ ହେବ ଉକ୍ତ ମେସିନଗୁଡ଼ିକ ମେଡିକାଲକୁ ଆସିଥିଲେ ମଧ୍ୟ ଏହାକୁ କେହି ନେବା ପାଇଁ ରାଜି ହେଉନାହାନ୍ତି। ଯଦି କୌଣସି ବିଭାଗ ଉକ୍ତ ମେସିନଗୁଡ଼ିକୁ ନ ନିଅନ୍ତି ତେବେ ସେଗୁଡ଼ିକୁ ଅନ୍ୟ ମେଡିକାଲ କଲେଜକୁ ପଠାଇଦେବା ପାଇଁ ଏସ୍‌ସିବିରେ ଶନିବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏସ୍‌ସିବି ପ୍ରିନ୍ସିପାଲ ପ୍ରଫେସର ଡା. ଜୟଶ୍ରୀ ମହାନ୍ତିଙ୍କ ଚାମ୍ବରରେ ଅନୁଷ୍ଠିତ ଏହି ବୈଠକରେ ଅଧୀକ୍ଷକ ପ୍ରଫେସର ଡା. ସିବିକେ ମହାନ୍ତି ଓ ନିଶ୍ଚେତନା ବିଭାଗର ଡାକ୍ତରମାନେ ଯୋଗଦେଇଥିଲେ। ସୂଚନାଥାଉ କି, ଅପରେଶନ ପୂର୍ବରୁ ରୋଗୀଙ୍କୁ

**ଏସ୍‌ସିବିରେ ଉଚ୍ଚସ୍ତରୀୟ ବୈଠକ**

ନିଶ୍ଚେତନା ଦେବା ସମୟରେ ଏହି ଯନ୍ତ୍ରର ଆବଶ୍ୟକତା ପଡ଼ିଥାଏ। ଗୋଟିଏ ଯନ୍ତ୍ରର ମୂଲ୍ୟ ଅତିକମ୍‌ରେ ୨୦ ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି। ଏସ୍‌ସିବିରେ ମୋଟ୍ ୩୨ଟି ଅପରେଶନ ଥିଏଟର (ଓଟି) ରହିଛି। ମାତ୍ର ବହୁମୂଲ୍ୟ ଟଙ୍କାର ଏହି ଅତ୍ୟାଧୁନିକ ଯନ୍ତ୍ରକୁ ଓଟିକୁ ନ ନେବା ପଛରେ ସ୍ଥାନ ଅଭାବ ହିଁ ମୂଳ କାରଣ ବୋଲି ଜଣାପଡ଼ିଛି। କାରଣ ଏହି ମେସିନଗୁଡ଼ିକ ବୃହତ୍ ଆକାରର ହୋଇଥିବାରୁ ଓଟିରେ ଜାଗା ମାଡ଼ିବସିବ। ତେଣୁ ମେସିନକୁ ରଖିଲେ ଓଟିର ଆକାରକୁ ବଢାଇବାକୁ ପଡ଼ିବ ବୋଲି ମେଡିକାଲର ଜଣେ ଡାକ୍ତର କହିଛନ୍ତି। ତେବେ ଏ ସମ୍ପର୍କରେ ଅଧୀକ୍ଷକ ପ୍ରଫେସର ମହାନ୍ତି କୁହନ୍ତି, ଖୁବ୍‌ଶୀଘ୍ର ଏହି ମେସିନକୁ ନିଶ୍ଚେତନା ବିଭାଗକୁ ଦିଆଯିବାକୁ ବୈଠକରେ ସ୍ଥିର କରାଯାଇଛି।



ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବୀରେନ ମିତ୍ରଙ୍କ ୪୧ତମ ଶ୍ରାଦ୍ଧବାର୍ଷିକୀ ଅବସରରେ କଟକ ମିଶନ ରୋଡ ବୀରେନ ମିତ୍ର ପାର୍କ ପରିସରରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିବା ବ୍ୟକ୍ତିମାନେ।

### ଟ୍ରେନରୁ ଖସି ଯୁବକ ଗୁରୁତର

**ବାରଙ୍ଗ/ ନରାଜ, ୨୫।୫(ଡି.ଏନ୍.ଏ.)**

ବାରଙ୍ଗ ଥାନା ଜୟପୁର ଖେଳପଡିଆ ନିକଟସ୍ଥ ରେଳଧାରଣା କଡରେ ଶନିବାର ଜଣେ ଯୁବକ ଏକ ଚଳନ୍ତା ଟ୍ରେନରୁ ଖସିପଡି ଗୁରୁତର ହୋଇଛନ୍ତି। ପରେ ଉକ୍ତ ଯୁବକଙ୍କୁ ରେଲୱେ କର୍ମଚାରୀମାନେ ଉଦ୍ଧାର କରି ଚିକିତ୍ସା ପାଇଁ ପଠାଇଛନ୍ତି। ଦିନ ପ୍ରାୟ ୧୦ଟା ରେ ଏକ ରେଲୱେ କର୍ମଚାରୀ ଉକ୍ତ ରେଳଧାରଣା ଉପରେ କାମ କରୁଥିବା ବେଳେ ଯୁବକଜଣକ ଟ୍ରେନରୁ ଖସିପଡିଥିବା ଦେଖିଥିଲେ। ଯୁବକଜଣଙ୍କ ଗୁରୁତର ଥିବାରୁ ୧୦୮ ଆମ୍ବୁଲାନ୍ସକୁ ଫୋନ କରିଥିଲେ। ଆମ୍ବୁଲାନ୍ସ ପହଞ୍ଚି ଗୁରୁତର ଯୁବକଙ୍କୁ କଟକ ବଡଡାକ୍ତରଖାନାକୁ ନେଇଯାଇଥିଲେ। ତେବେ ଯୁବକଟିର ପରିଚୟ ଜଣାପଡ଼ିନାହିଁ।

## ସମ୍ଭାବ୍ୟ ବନ୍ୟା ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ବୈଠକ

**କଟକ ସଦର,୨୫।୫(ଡି.ଏନ୍.ଏ.)**

ବମହାନଦୀ ଓ ତା'ର ଶାଖା ନଦୀରେ ସମ୍ଭାବ୍ୟ ବନ୍ୟା ନିୟନ୍ତ୍ରଣ ପାଇଁ ଶନିବାର ଏକ ସ୍ୱତନ୍ତ୍ର ବୈଠକ ସର୍ବୋଚ୍ଚ ମୁଖ୍ୟ ଯନ୍ତ୍ରୀ ଅକ୍ଷୟ କୁମାର ବାନାର୍ଜୀଙ୍କ ସଭାପତିତ୍ୱରେ କଟକର ଯୋବ୍ରାଠାରେ ଅନୁଷ୍ଠିତ ହୋଇଯାଇଛି। ମହାନଦୀ ଓ ତା'ର ଶାଖା ନଦୀ କାଠଯୋଡି, ବିରୂପା ବନ୍ଧର ସୁଦୃଢତା ସମ୍ପର୍କରେ ନିର୍ବାହୀ ଯନ୍ତ୍ରୀମାନେ କହିଥିଲେ। ଦୁର୍ବଳ ନଦୀ ବନ୍ଧକୁ ଜୁନ ମାସ ସୁଦ୍ଧା ମରାମତି ପାଇଁ ମୁଖ୍ୟ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ସାହୁ, ପ୍ରଦୀପ ମହାନ୍ତି, ବିଭାଗୀୟ ଉପଦେଷ୍ଟା ଶତ୍ରୁଘ୍ନ ଦାଶ, ସନ୍ତୋଷ ପଟ୍ଟନାୟକ ଉପସ୍ଥିତ କଟକ, କେନ୍ଦ୍ରାପଡ଼ା, ଯାଜପୁର, ମୟୂରଭଞ୍ଜ, ବାଲେଶ୍ୱର, ଜଗତ୍‌ସିଂହପୁର ଜିଲାର ନିର୍ବାହୀ ଯନ୍ତ୍ରୀଙ୍କୁ ପରାମର୍ଶ ଦେଇଥିଲେ। କଟକ ସଦର ବ୍ଲକ ଗତିରାଉତପାଟଣାରୁ ବାଙ୍କଲ ମଧ୍ୟରେ ମହାନଦୀରେ ଗଢି ଉଠିଥିବା ନୂଆ ପଠାଗୁଡିକୁ ଭାଙ୍ଗିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବନ୍ୟା ସମୟରେ ପାଣି ବାଟରେ ନ ଅଟକି ସିଧାସଳଖ ସମୁଦ୍ରକୁ ଯାଇପାରିବ। ଏହି ନୂଆ ପଠା ଦ୍ୱାରା ବନ୍ୟା ଜଳ ତଳମୁଣ୍ଡକୁ ନିଷ୍କାଷିତ ନ ହୋଇପାରିବା ଦ୍ୱାରା ନଦୀ ଜଳ ଫୁଲି ଉଠୁଥିଲା। ଏଥିପାଇଁ ଟ୍ରାକ୍ଟର ଲଗାଇ ପଠାରେ ଜମି ରହିଥିବା ପଟୁ ମାଟିକୁ ଚାଷ କରି ହାଲୁକା କରାଯିବ। ବନ୍ୟାଜଳ ପ୍ରବେଶ କଲାମାତ୍ରେ ପଠାଗୁଡିକ ଭାଙ୍ଗିଯିବ। ଏହି ବୈଠକରେ ଇଷ୍ଟର୍ନ ସର୍କଲର ଅଧୀକ୍ଷଣ ଯନ୍ତ୍ରୀ ବାଲେଶ୍ୱର ନାଥ ସାହୁ ଉପସ୍ଥିତ ଥିଲେ।

■ ଫନୀ କ୍ଷୟକ୍ଷତି ଆକଳନ, ପୁନଃ ଥଇଥାନ

## ଜିଲାରେ ବୁଲିବେ ଜାତିସଂଘ, ବିଶ୍ୱବ୍ୟାଙ୍କ ପ୍ରତିନିଧି ଦଳ

**କଟକ ଅଫିସ, ୨୫।୫**

ଫନୀ କ୍ଷୟକ୍ଷତିର ଆକଳନ ଓ ପୁନଃ ଥଇଥାନ ପାଇଁ ଆସୁଛନ୍ତି ଜାତିସଂଘ ଓ ବିଶ୍ୱବ୍ୟାଙ୍କର ଏକ ପ୍ରତିନିଧି ଦଳ। ଏହି ଦଳ ଫନୀ କ୍ଷୟକ୍ଷତି ଅନୁଧ୍ୟାନ କରିବା ସହିତ ଆଗାମୀ ଦିନରେ ବିପର୍ଯ୍ୟୟ ପ୍ରଶମନ, ବିପର୍ଯ୍ୟୟ ପରବର୍ତ୍ତୀ କ୍ଷୟକ୍ଷତିର ଆକଳନ ମଧ୍ୟ କରିବେ। ଆସନ୍ତା ୨୬ରୁ ୨୯ ତାରିଖ ମଧ୍ୟରେ ଏହି ଦଳ ଜିଲାର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିବେ। ଏହି ପରିପ୍ରେକ୍ଷୀରେ ଶନିବାର ଜିଲାପାଳ ଅରବିନ୍ଦ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଜିଲା ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ ନିର୍ଦ୍ଦେଶରେ ଖାଦ୍ୟ ସୁରକ୍ଷା, ବାସଗୃହ, ଜମିଜମା, ସ୍ୱାସ୍ଥ୍ୟ, ପାନୀୟଜଳ ଯୋଗାଣ, ପରିମଳ, କୃଷି, ମତ୍ସ୍ୟ, ପଶୁପାଳନ, ଗମନାଗମନ ଆଦି ସମ୍ପର୍କରେ ଏକ ବିସ୍ତୃତ ବିବରଣୀ ପ୍ରସ୍ତୁତ କରାଯିବ। ଏଥିସହିତ ନିଯୁକ୍ତି ଓ ଜୀବିକା, ପରିବେଶ, ପର୍ଯ୍ୟଟନ, ବିଦ୍ୟୁତ୍, ଶିକ୍ଷା, ଶିଶୁ ସୁରକ୍ଷା, ସାମାଜିକ ସୁରକ୍ଷା ଆଦି ବିଭିନ୍ନ କ୍ଷେତ୍ରରେ କ୍ଷୟକ୍ଷତିର ଆକଳନ କରାଯିବ। କୌଣସି ସମୟରେ ସମ୍ଭାବ୍ୟ ବିପର୍ଯ୍ୟୟର ପ୍ରଶମନ ଓ ଏଥିପାଇଁ ପ୍ରଭାବିତମାନଙ୍କ ଥଇଥାନ ବ୍ୟବସ୍ଥାକୁ ବିବରଣୀରେ ସ୍ଥାନ ଦେବାକୁ କୁହାଯାଇଛି। ଏ ନେଇ ନୋଡାଲ ଅଧିକାରୀମାନଙ୍କୁ ନିୟୋଜିତ କରାଯାଇଛି। ଏହି ଅଧିକାରୀମାନେ ଜାତିସଂଘ ଏବଂ ବିଶ୍ୱବ୍ୟାଙ୍କ୍ ପ୍ରତିନିଧି ଦଳ ପରିଦର୍ଶନ ସମୟରେ ଉପସ୍ଥିତ ରହିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ଏହି ବୈଠକରେ ଅତିରିକ୍ତ ଜିଲାପାଳ ଶ୍ରୀକାନ୍ତ ତରାଇ, ପିଡି ଡିଆରଡିଏ ସରୋଜକାନ୍ତ ମହାନ୍ତି, ସଦର ଉପଜିଲାପାଳ ସୁକାନ୍ତ ପ୍ରଧାନ, ବାଙ୍କୀ ଉପଜିଲାପାଳ ଅରୁଣ କୁମାର ବିଶ୍ୱାଳ, ସହକାରୀ ଜିଲାପାଳ ସ୍ମିତା ରଥଙ୍କ ସମେତ ଜିଲାର ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।



ଟାଉନ ହଲରେ ଗାୟତ୍ରୀ ତୀର୍ଥ ଶାନ୍ତି କୁଞ୍ଜ ହରିଦ୍ୱାରର ଯୁବ ପ୍ରକୋଷ୍ଠ ତତ୍ତ୍ୱାବଧାନରେ କଟକ ଦିବ୍ୟ ଭାରତ ଯୁବ ସଙ୍ଗଠନ ପକ୍ଷରୁ ଅନୁଷ୍ଠିତ ଯୁବ ଚେତନା ଶିବିରରେ ଯୋଗଦେଇଥିବା ଯୁବତୀ, ଯୁବକ ଓ ବ୍ୟକ୍ତିମାନେ।

## ଜୟନ୍ତୀ ଉତ୍ସବରେ ଭିକାରୀ ବଳଙ୍କୁ ଶ୍ରଦ୍ଧାଞ୍ଜଳି



ଭିକାରୀ ବଳଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିବା ବ୍ୟକ୍ତିମାନେ।

**କଟକ ଅଫିସ,୨୫।୫**

କଣ୍ଠଶିଳ୍ପୀ ଭଜନ ସମ୍ରାଟ ଭିକାରୀ ବଳଙ୍କ ଦୁଇଦିନିଆ ଜୟନ୍ତୀ ଉତ୍ସବ ଭିକାରୀ ବଳ ସ୍ମୃତି ସଂସଦ ଆନୁକୂଲ୍ୟରେ ଖାନନଗରସ୍ଥିତ ଭିକାରୀ ବଳ ପାର୍କଠାରେ ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ଅରୁଣ କୁମାର ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ସଂସଦର ସମ୍ପାଦକ ଡ. ସୁନାମଣି ରାଉତ ଉତ୍ସବର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏଥିରେ ବରଦା ପ୍ରସନ୍ନ ପଟ୍ଟନାୟକ, ଛନ୍ଦା ଚରଣ ମହାପାତ୍ର, ଚିତ୍ରଶିଳ୍ପୀ ମହେନ୍ଦ୍ର ପ୍ରସାଦ ମହାପାତ୍ର, ଡା. ଚଣ୍ଡି ଦାସ, ଡା. ସିଦ୍ଧାର୍ଥ ଦାସ, ଭୁବନାନନ୍ଦ ମହାନ୍ତି, ନାଟ୍ୟକାର ଅଭୟ ଦାସ, ଅଧ୍ୟାପକ କମଳ ମାହୁନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଏହା ସହ ଭିକାରୀ ବଳଙ୍କ କନ୍ୟା କଳ୍ପନା ବଳ, ପୁତ୍ର ଅଶୋକ ବଳ, ଅମୀୟ ବଳ, ନାତି ସ୍ୱାଗତ ରାଉତ, ରଶ୍ମିରଞ୍ଜନ ମହାପାତ୍ର, ତ୍ରିଲୋଚନ ମହାକୁଳ, ବିଷ୍ଣୁ ଚରଣ ପଣ୍ଡା, ଗୌତମ ଚନ୍ଦ୍ର କର ପ୍ରମୁଖ ଯୋଗଦେଇ ଭିକାରୀ ବଳଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

■ ସୁରଟ ଦୁର୍ଘଟଣା ପରେ ଚେତିଲା ଓଡ଼ିଶା ଅଗ୍ନିଶମ ବିଭାଗ

## କୋଚିଂ ସେଣ୍ଟରଗୁଡ଼ିକର ଅଗ୍ନି ନିରାପତ୍ତା ଯାଞ୍ଚ ହେବ

**ଭୁବନେଶ୍ୱର,୨୫।୫(ବ୍ୟୁରୋ)**

ଗୁଜରାଟ ସୁରଟସ୍ଥିତ ତକ୍ଷଶିଳା ବାଣିଜ୍ୟିକ କମ୍ପ୍ଲେକ୍ସର ଚତୁର୍ଥ ମହଲାରେ ଥିବା ଏକ କୋଚିଂ ସେଣ୍ଟର ଅଗ୍ନିକାଣ୍ଡରେ ୨୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ମୃତ୍ୟୁ ଘଟିଛି। ଉକ୍ତ କୋଚିଂ ସେଣ୍ଟରରେ ଲାଗିଥିବା ଏସି ବିସ୍ଫୋରଣରୁ ନିଆଁ ଲାଗିଥିବା ଓ ସେଠାରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନ ଥିବାରୁ ଏହା ଭୟଙ୍କର ରୂପ ନେଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ତେବେ ଏହି ଦୁର୍ଘଟଣା ପରେ ଓଡିଶା ଅଗ୍ନିଶମ ବିଭାଗର ଚେତା ପଶିଛି। ରାଜ୍ୟର ଅଧିକାଂଶ କୋଚିଂ ସେଣ୍ଟରରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନ ଥିବା ଜଣାପଡିଛି। ଆଗକୁ ଯେପରି କୌଣସି ଦୁର୍ଘଟଣା ନ ଘଟିବ ସେଥିପାଇଁ ସମସ୍ତ କୋଚିଂ ସେଣ୍ଟରର ଅଗ୍ନି ନିରାପତ୍ତା ବ୍ୟବସ୍ଥା ଯାଞ୍ଚ ହେବ। ଅଗ୍ନିଶମ ବିଭାଗର ଜଣେ ଅଧିକାରୀ କହିଛନ୍ତି, ଦୁଇଦିନ ଭିତରେ ଏକ ଟିମ୍ ଗଠନ କରାଯିବ। ଏହି ଟିମ୍ ପ୍ରଥମେ ରାଜଧାନୀର ବିଭିନ୍ନ ସ୍ଥାନରେ ଥିବା କୋଚିଂ ସେଣ୍ଟରକୁ ଯାଇ ଅଗ୍ନି ନିରାପତ୍ତା ବ୍ୟବସ୍ଥାର ଯାଞ୍ଚ କରିବ। ଯେଉଁଠି ଅଗ୍ନି ନିରାପତ୍ତା ବ୍ୟବସ୍ଥା ନ ଥିବ ଉକ୍ତ ସଂସ୍ଥାର ମାଲିକଙ୍କୁ ନୋଟିସ ଦିଆଯାଇ ଦୁଇ ମାସ ସମୟ ଦିଆଯିବ। ଯଦି ନିର୍ଦ୍ଦେଶକୁ ଅମାନ୍ୟ କରିବେ ସେମାନଙ୍କ କୋଚିଂ ସେଣ୍ଟର ଲାଇସେନ୍ସ ରଦ୍ଦ କରିବା ପାଇଁ ଚେତାବନୀ ଦିଆଯିବ ବୋଲି ସେ କହିଛନ୍ତି। ତେବେ ସୋମବାର ସକାଳେ ଅଗ୍ନିଶମ ଡିଜି ବି.କେ. ଶର୍ମା ଏନେଇ ବିଧିବଦ୍ଧ ନିର୍ଦ୍ଦେଶ ଦେବେ ବୋଲି କୁହାଯାଇଛି। ରାଜଧାନୀରେ ଛତୁ ଫୁଟିଲା ପରି କୋଚିଂ ସେଣ୍ଟର ଖୋଲୁଛି। କେତେକ କୋଚିଂ ସେଣ୍ଟରର ଲାଇସେନ୍ସ ରହିଥିବାବେଳେ ଅଧିକାଂଶ ବିନା ଲାଇସେନ୍ସରେ ଚାଲୁଛି। ଏପରିକି ଲାଇସେନ୍ସ ଓ ବିନା ଲାଇସେନ୍ସରେ ଚାଲୁଥିବା ଅଧିକାଂଶ କୋଚିଂ ସେଣ୍ଟରରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନାହିଁ। କୋଚିଂ ସେଣ୍ଟରର ମାଲିକମାନେ ଟଙ୍କା ରୋଜଗାର କରିବା ଲକ୍ଷ୍ୟରେ ଛାତ୍ରୀଛାତ୍ରଙ୍କ ଜୀବନ ସହ ଖେଳ ଖେଳୁଛନ୍ତି। ବର୍ତ୍ତମାନ ଖରା ହେଉଥିବାରୁ ଏକାଧିକ କୋଚିଂ ସେଣ୍ଟରରେ ଦିନରାତି ଏସି ଚାଲୁଛି। ଏସି ବିସ୍ଫୋରଣ ହେବାର ସମ୍ଭାବନା ରହିଛି। ସେହିଭଳି ବିଦ୍ୟୁତ୍ ଶର୍ଟସର୍କିଟର ଅନେକ ଆଶଙ୍କା ରହୁଛି। ତେବେ ଗୁଜରାଟ ଘଟଣାକୁ ନେଇ ଏବେ କୋଚିଂ ସେଣ୍ଟରର ଛାତ୍ରୀଛାତ୍ରମାନେ ଭୟଭୀତ ହୋଇପଡିଛନ୍ତି। ଏପରିକି ଅଧିକାଂଶ ଅଭିଭାବକ ସେମାନଙ୍କ ପିଲାଙ୍କୁ କୋଚିଂ ସେଣ୍ଟରକୁ ଛାଡ଼ି ନ ଥିବା ଜଣାପଡିଛି। ଏନେଇ ଜଣେ ଛାତ୍ର ରାକେଶ ଦେହୁରୀ କୁହନ୍ତି, ମୁଁ ଅନେକ କୋଚିଂ ସେଣ୍ଟରରେ ପାଠ ପଢୁଛି। ସଂସ୍ଥାର ମାଲିକମାନେ ଟଙ୍କା ରୋଜଗାର ଆଶାରେ ଗୋଟିଏ ରୁମରେ ଯେତିକି ପିଲା ରଖିବା କଥା ତା'ଠାରୁ ଢେର ଅଧିକ ରଖି ଦେଉଛନ୍ତି। ଲାଗିଥିବା ଏସି ଠିକ୍ ଭାବେ କାମ କରୁନାହିଁ। ଅଧିକ ଚାପ ପଡୁଥିବାରୁ ଏସି ବ୍ଲାଷ୍ଟ ହେବା ସମ୍ଭାବନା ରହୁଛି। ଅନେକ କୋଚିଂ ସେଣ୍ଟରରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନ ଥିବାରୁ ଓଡ଼ିଶାରେ ମଧ୍ୟ ଗୁଜରାଟର ସ୍ଥିତି ଉପୁଜିବା ଆଶଙ୍କାକୁ ଏଡାଇ ଦେଇହେଉନି। ତେଣୁ ସରକାରୀ ସ୍ତରରେ ଆବଶ୍ୟକ ଯାଞ୍ଚ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଜରୁରୀ ବୋଲି ସେ କହିଛନ୍ତି।

**ଶୋଇ ଯାଉଛି ଅଗ୍ନିଶମ ବିଭାଗ**

ସବୁ ସମୟରେ ସଜାଗ ରହୁନି ଓଡିଶା ଅଗ୍ନିଶମ ବିଭାଗ। କୌଣସି ସ୍ଥାନରେ ବଡ଼ ଧରଣର ଦୁର୍ଘଟଣା ଘଟିଲେ ତତ୍ପରତା ଦେଖାଉଛି ବିଭାଗ। ନିକଟରେ ମୁମ୍ବାଇର ଏକ ହୋଟେଲରେ ଅଗ୍ନିକାଣ୍ଡ ପରେ ଓଡିଶାର ବିଭିନ୍ନ ହୋଟେଲ ଓ ମଲ୍‌ରେ ଅଗ୍ନି ନିରାପତ୍ତା କଡାକଡି ଯାଞ୍ଚ କରାଯାଇଥିଲା। ଯେଉଁଠି ବ୍ୟତିକ୍ରମ ଥିବା ନଜରକୁ ଆସିଥିଲା ଦୁଇମାସ ଭିତରେ ଆବଶ୍ୟକ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଗ୍ରହଣ କରିବାକୁ କୁହାଗଲା। ହେଲେ ନିର୍ଦ୍ଧାରିତ ସମୟ ମଧ୍ୟରେ ଯେଉଁମାନେ ନିର୍ଦ୍ଦେଶ ପାଳନ ନ କଲେ ସେମାନଙ୍କ ଉପରେ ଆଉ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ। ପୂର୍ବରୁ ମଧ୍ୟ ସମ୍ ହସ୍ପିଟାଲ ଅଗ୍ନିକାଣ୍ଡ ଓ କେତେକ ମଲ୍ ତଥା ହୋଟେଲ ଅଗ୍ନିକାଣ୍ଡ ପରେ ଅଗ୍ନିଶମ ବିଭାଗ କିଛିଦିନ ତତ୍ପରତା ଦେଖାଇ ପୁଣି ଶୋଇ ଯାଇଥିଲା।



କ୍ଳାନ୍ତି ପରେ ବିଶ୍ରାମ ଯେଉଁ ଆନନ୍ଦ ଦିଏ, କୌଣସି ପ୍ରକାରର ବିଳାସ ସେହି ପରି ଆନନ୍ଦ ଦେଇପାରିବ ନାହିଁ।
- ନେପୋଲିୟନ



## ସଂକ୍ଷେପରେ

### ମୋ ବସ୍ ଦୁର୍ଘଟଣା ଭଉଣୀ ମୃତ, ଭାଇ ଗୁରୁତର

ପୁରୁଣା ଭୁବନେଶ୍ୱର, ୨୫।୫ (ଡି.ଏନ.ଏ.)- ଏୟାରପୋର୍ଟ ଥାନା ଅଧୀନ ନବୀନ ନିବାସ ନିକଟ ରାସ୍ତାରେ ଶନିବାର ସନ୍ଧ୍ୟାରେ ମୋ ବସ୍ ଦୁର୍ଘଟଣାରେ ଜନୈକ ଯୁବତୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସସ୍ମିତା ପୁଟ(୨୮)। ପୋଲିସ ସୂଚନା ମୁତାବକ, ସସ୍ମିତା ଏବଂ ତାଙ୍କ ଭାଇ ଅରବିନ୍ଦ ପୁଟ ଏକ ସ୍କୁଟି ଯୋଗେ ପଳାଶପଲ୍ଲୀ ଆଡୁ ଏୟାରପୋର୍ଟ ଛକକୁ ଆସୁଥିଲେ। ଏହି ସମୟରେ ଆସୁଥିବା ମୋ ବସ ସ୍କୁଟି ପଛ ପଟକୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଭାଇ ଭଉଣୀ ରାସ୍ତାକୁ ଛିଟିକି ପଡିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ କ୍ୟାପିଟାଲ ହସ୍ପିଟାଲ ଏବଂ ପରେ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ଭଉଣୀ ସସ୍ମିତାଙ୍କୁ ମୃତ ଘୋଷଣା କରିଥିଲାବେଳେ ଭାଇ ଚିକିତ୍ସାଧୀନ ଅଛନ୍ତି ବୋଲି ଥାନା ଅଧିକାରୀ ଉମାକାନ୍ତ ପ୍ରଧାନ ସୂଚନା ଦେଇଛନ୍ତି। ସେମାନଙ୍କ ଘର କଳାହାଣ୍ଡିରେ। ସେମାନେ ପୋଖରୀପୁଟ ଅଞ୍ଚଳରେ ରୁହନ୍ତି। ଏ ନେଇ ନଂ. ୮୦/୧୯ରେ ଏକ ମାମଲା ରୁଜୁ ହୋଇଛି।

### ପିସିଆର୍ ଭ୍ୟାନ୍ କର୍ମଚାରୀଙ୍କୁ ମାଡ଼, ୨ ଗିରଫ

ଭୁବନେଶ୍ୱର, ୨୫।୫(ବ୍ୟୁରୋ)- ଖାରବେଳନଗର ଥାନା ଅନ୍ତର୍ଗତ ବିଗ୍‌ବଜାର ଛକ ନିକଟରେ ଗୁରୁବାର ରାତିରେ ୨ଜଣ ଯୁବକ ପିସିଆର ଭ୍ୟାନ୍‌କୁ ଭଙ୍ଗାରୁଜା କରିବା ସହ କର୍ମଚାରୀଙ୍କୁ ମାଡ଼ ମାରିଥିଲେ। ଶୁକ୍ରବାର ବିଳମ୍ବିତ ରାତିରେ ପୁଣି ଶହୀଦନଗର ଥାନା ବାଣୀବିହାର ଛକରେ ପିସିଆର ଭ୍ୟାନ୍-୪ର କର୍ମଚାରୀଙ୍କୁ ମାଡ଼ ହୋଇଛି। କାର ସାଇଟ୍ କରିବାକୁ କହିବାରୁ ପୋଲିସକୁ ଏଭଳି ଆକ୍ରମଣ ହୋଇଥିବା ଜଣାପଡିଛି। ଏହି ଘଟଣାରେ ଶହୀଦନଗର ଥାନା ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କଟକ ଜିଲା ମାହାଙ୍ଗାର ସୁଚିନ୍ତିତ ତ୍ରିପାଠି(୩୦) ଓ ୟୁନିଟ୍-୯ର ଭରତ ମହାନ୍ତି(୩୬)। ପୋଲିସ ଆଇପିସି ଦଫା ୨୯୪, ୩୫୩, ୫୦୬ ଓ ୩୪ରେ ମାମଲା (ନଂ.୨୩୩/୧୯) ରୁଜୁ କରି ଉଭୟଙ୍କୁ କୋର୍ଟ ଚାଲାଣ କରିଛି।
ସୂଚନା ଅନୁଯାୟୀ, ଅଭିଯୁକ୍ତ ସୁଚିନ୍ତିତ ଓ ଭରତ ନିଶାଗ୍ରସ୍ତ ଅବସ୍ଥା ଶୁକ୍ରବାର ରାତି ପ୍ରାୟ ଗୋଟାଏରେ କାର୍‌କୁ ବାଣୀବିହାର ଛକରେ ରଖିଥିଲେ। ଫଳରେ ରାସ୍ତାରେ ଅନ୍ୟଗାଡି ଚଳାଚଳରେ ସମସ୍ୟା ହୋଇଥିଲା। ଏହି ସମୟରେ ପାଟ୍ରୋଲିଂ କରୁଥିବା ପିସିଆର ଭ୍ୟାନ୍-୪ ସେଠାରେ ପହଞ୍ଚି କାରକୁ ରାସ୍ତା କଡକୁ ସାଇଟ୍ କରିବା ପାଇଁ କହିଥିଲେ। ଏଥିରେ ସୁଚିନ୍ତିତ ଓ ଭରତ ରାଗିଯାଇ କାରରୁ ବାହାରି ପିସିଆର ଭ୍ୟାନ୍‌ର କର୍ମଚାରୀଙ୍କୁ ପଥରରେ ମାଡ଼ ମାରିଥିଲେ। ଫଳରେ ପବିତ୍ର କୁମାର ପାତ୍ର ନାମକ ଜଣେ ପିସିଆର କର୍ମଚାରୀ ଆହତ ହୋଇଥିଲେ। ଏନେଇ ଶହୀଦନଗର ଥାନାରେ ପବିତ୍ର ଅଭିଯୋଗ କରିବା ପରେ ପୋଲିସ ଉଭୟଙ୍କୁ ଗିରଫ କରିଥିଲା।

### ଦୁର୍ଘଟଣାରେ ଜଣେ ମୃତ

ବାଲିଅନ୍ତା,୨୫।୫(ଡି.ଏନ୍.ଏ.)- ୧୬ନଂ ଜାତୀୟ ରାଜପଥ ଭୁବନେଶ୍ୱର-କଟକ ରାସ୍ତାର ହଂସପାଳ ଛକରେ ଶନିବାର ଭୋର ୫ଟା ୩୦ସମୟରେ ଏକ ପିକ୍‌ଅପ ଭ୍ୟାନ ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ହୋଇଛି। ସେ ହେଲେ ସ୍ଥାନୀୟ ହଂସପାଳ ଗ୍ରାମର ସୌରୀବନ୍ଧୁ ମହାନ୍ତି(୫୫)। ସେ ମଞ୍ଚେଶ୍ୱରସ୍ଥିତ କୁଆଖାଇ ଜଳଯୋଗାଣ କେନ୍ଦ୍ରର ଜଣେ କର୍ମଚାରୀ ଥିଲେ। ପ୍ରକାଶ ଯେ, ସୌରୀବନ୍ଧୁ ନିଜ କାର୍ଯ୍ୟାଳୟକୁ ଯିବା ପାଇଁ ହଂସପାଳ ଛକ ନିକଟରେ ସାଇକେଲରେ ରାସ୍ତାପାର ହେଉଥିଲେ। ଏହି ସମୟରେ ଭୁବନେଶ୍ୱର ପଟୁ ଆସୁଥିବା ଏକ ସୋୟାବିନ ବଡ଼ି ବୋଝେଇ(ନଂ ଓଡି ୦୭ ଡି ୬୬୮୨) ପିକଅପ ଭ୍ୟାନଟି ରଙ୍ଗରୁଟରେ ଆସି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ପିକଅପ ଭ୍ୟାନର ଗତି ଦ୍ରୁତ ଥିବାରୁ ସାଇକେଲ ସହ ସୌରୀବନ୍ଧୁଙ୍କୁ କିଛି ବାଟ ଘୋଷାରି ନେଇଥିଲା। ସେହି ସମୟରେ ବିପରୀତ ଦିଗରୁ ଆସୁଥିବା ଅନ୍ୟ ଏକ ଟ୍ରକକୁ ଧକ୍କା ଦେଇ ରାସ୍ତାର ଡାହାଣ ପାର୍ଶ୍ୱରେ ଥିବା ଏକ ପରିବା ଦୋକାନୀ ଉପରକୁ ଓଲଟି ପଡିଥିଲା। ତେବେ ଘଟଣାସ୍ଥଳରେ ସୌରୀବନ୍ଧୁଙ୍କ ମୃତ୍ୟୁ ଘଟିଥିଲା। ଏ ନେଇ ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକୋ କରିବା ପାଇଁ ଉଦ୍ୟମ କରୁଥିବା ବେଳେ ମଞ୍ଚେଶ୍ୱର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଣା କରିବା ସହ ତଦନ୍ତ ଘଟଣାର ତଦନ୍ତ ଚଳାଇଛି।

■ ବେଗୁନିଆ ନିର୍ବାଚନମଣ୍ଡଳୀ

# ଦଳୀୟ କନ୍ଦଳ ସବୁ ଦଳଙ୍କୁ ପହଞ୍ଚାଇଛି କ୍ଷତି

■ ଭୋଟ ହାର ହ୍ରାସ ସତ୍ତ୍ୱେ ବିଜେଡି ଜିତିଲା
■ ଫାଇଦା ନେଇ ପାରିଲାନି ଭାଜପା, କଂଗ୍ରେସ

ଖୋର୍ଦ୍ଧା ଅଫିସ,୨୫।୫

ଶେଷ ହୋଇଛି ସାଧାରଣ ନିର୍ବାଚନ। ହେଲେ ଭୋଟ ପୂର୍ବରୁ ଖୋର୍ଦ୍ଧା ଜିଲାର ବେଗୁନିଆ ନିର୍ବାଚନମଣ୍ଡଳୀରେ ପ୍ରମୁଖ ରାଜନୈତିକ ଦଳ ଭାଜପା, ବିଜେଡି ଓ କଂଗ୍ରେସ ମଧ୍ୟରେ ଦେଖା ଦେଇଥିବା ଦଳୀୟ କନ୍ଦଳର ସମାଧାନ ହୋଇ ପାରି ନ ଥିଲା। ଦଳୀୟ କନ୍ଦଳ ସମାଧାନ ନ ହେବାରୁ ୩ ପ୍ରମୁଖ ଦଳର ଭୋଟ ବିଭାଜନକୁ ରୋକାଯାଇ ପିଲାନି। ଶାସକ ଦଳରେ ଦଳୀୟ କନ୍ଦଳ, ଭୋଟ ହାର ହ୍ରାସ ସତ୍ତ୍ୱେ ଭାଜପା ଓ କଂଗ୍ରେସ ଫାଇଦା ଉଠାଇ ପାରି ନ ଥିଲେ। ଭାଜପା ଓ କଂଗ୍ରେସ ନିଜ ଘରକୁ ସଜାଡୁ ଥିବାବେଳେ ଶାସକ ଦଳ ଘର ନ ସଜାଡି ବିରୋଧୀ ଗୋଷ୍ଠୀର ଅସନ୍ତୁଷ୍ଟକାରୀଙ୍କୁ ପ୍ରଲୋଭିତ କରାଇ ୨୦୧୯ ନିର୍ବାଚନରେ ବାଜି ମାରି ନେଇଛି।

୨୦୧୪ ବିଧାନସଭା ନିର୍ବାଚନରେ ବିଜେଡି ପ୍ରାର୍ଥୀ ପ୍ରଶାନ୍ତ କୁମାର ଜଗଦ୍ଦେବ ୭୩,୯୮୪ (୫୧.୪୬ ପ୍ରତିଶତ) ଭୋଟ ପାଇ ବିଜୟୀ ହୋଇଥିଲେ। ଏଠାରେ ଆମ ଓଡ଼ିଶା ପାର୍ଟିର ପ୍ରଦୀପ କୁମାର ସାହୁ ୩୦, ୫୫୯(୨୧.୨୬ ପ୍ରତିଶତ) ପାଇ ୨ୟ ସ୍ଥାନରେ ରହିଥିଲେ। କଂଗ୍ରେସର ଦେବାଶିଷ ପଟ୍ଟନାୟକ ୨୦, ୬୮୯ (୧୪.୩୯ ପ୍ରତିଶତ), ଭାଜପା ପ୍ରାର୍ଥୀ ଯତୀନ୍ କୁମାର ମହାନ୍ତି ୧୦,୬୦୭ (୭.୩୮ ପ୍ରତିଶତ) ଭୋଟ ପାଇଥିଲେ। ୨୦୧୭ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଭାଜପାର ସ୍ଥିତି ମଜ୍‌ବୁତ ହୋଇଥିଲା। ୬ଟି ଜୋନରୁ ୩ଟି ବିଜେଡି ଓ ୩ ଭାଜପା ଦଖଲକୁ ଯାଇଥିଲା। ଭାଜପାର ଭୋଟହାର ବଢ଼ିବା ପରେ ତୃଣମୂଳ ସଙ୍ଗଠନକୁ ଅଣଦେଖା କରାଯାଇଥିଲା। ଲୋକ ଦେଖାଣିଆ ଭାବେ ସଙ୍ଗଠନ କରାଯାଇଥିବା କେତେଜଣ ସମର୍ଥକ ନାଁ ଗୋପନ ରଖି କହିଛନ୍ତି। ତେବେ ମୋଦିଙ୍କ ଲୋକପ୍ରିୟତାକୁ ଆୟୁଧ କରି ଦଳ ଆଗକୁ ବଢ଼ିଥିଲା। ୨୦୧୯ ନିର୍ବାଚନରେ ଆଶାୟୀ ପ୍ରାର୍ଥୀ ଯତୀନ୍ ମହାନ୍ତିଙ୍କୁ ଟିକେଟ ମିଳିଲା ନାହିଁ। ନିର୍ବାଚନର କେଇଦିନ ପୂର୍ବରୁ ବିଜେଡି ରାଜ୍ୟସଭା ସଦସ୍ୟ ପ୍ରଶାନ୍ତ ନନ୍ଦଙ୍କ ପୁଅ ରିଷଭଙ୍କୁ ଭାଜପା ଟିକେଟ ମିଳିଥିଲା। ରିଷଭ ଟିକେଟ ପାଇବା ପରେ ବିଭିନ୍ନ ସ୍ଥାନରେ ଦଳୀୟ କର୍ମକର୍ତ୍ତା ଇସ୍ତଫା ଦେଇଥିଲେ। ଏପରିକି ଦଳୀୟ ପୋଷ୍ଟର, ବ୍ୟାନର ପୋଡି ବି ହୋଇଥିଲା। କେତେଜଣ ଦଳରେ ରହି ଭାଜପା ପ୍ରାର୍ଥୀ ହାରିବାକୁ କ୍ଷେତ୍ର ପ୍ରସ୍ତୁତ କରିଲେ। ୨୦୧୯ ନିର୍ବାଚନରେ ନବୀନଙ୍କ ହାୱା ଆଗରେ ମୋଦି ମ୍ୟାଜିକ୍ କାମ କରିନାହିଁ। ଏଠାରେ ବିଜେଡିର ରାଜେନ୍ଦ୍ର କୁମାର ସାହୁ ୭୩,୧୭୮(୪୭.୦୬ ପ୍ରତିଶତ) ଭୋଟ ପାଇ ବିଜୟୀ ହୋଇଛନ୍ତି। ରାଜେନ୍ଦ୍ର ବିଜୟୀ ହୋଇଥିଲେ ହେଁ ଭୋଟ ହାର ହ୍ରାସ ପାଇଥିବା ଜଣାପଡିଛି। ୨୦୧୪ ନିର୍ବାଚନରେ ଜଗଦ୍ଦେବ ୫୧.୪୬ ପ୍ରତିଶତ ଭୋଟ ପାଇଥିବାବେଳେ ରାଜେନ୍ଦ୍ର ୪୭.୦୬ ପ୍ରତିଶତ ଭୋଟ ପାଇଛନ୍ତି। ସେହିପରି କଂଗ୍ରେସର ପ୍ରାର୍ଥୀ ପ୍ରଦୀପ ସାହୁ ୫୩, ୧୩୦(୩୪.୧୬ ପ୍ରତିଶତ) ଭୋଟ ପାଇ ୨ୟ ସ୍ଥାନରେ ରହିଛନ୍ତି। ୨୦୧୪ରେ ପ୍ରଦୀପ ଆମ ଓଡ଼ିଶା ପାର୍ଟିରୁ ପ୍ରାର୍ଥୀ ହୋଇ ୨ୟ ସ୍ଥାନରେ ରହି ୨୧.୨୬ ପ୍ରତିଶତ ଭୋଟ ପାଇଥିଲେ। ଏବେ ୨ୟ ସ୍ଥାନରେ ରହି ୩୪.୧୬ ପ୍ରତିଶତ ଭୋଟ ପାଇଛନ୍ତି। ଭାଜପାର ପ୍ରାର୍ଥୀ ରିଷଭ ନନ୍ଦ ୨୬,୩୨୧(୧୬.୯୩ ପ୍ରତିଶତ) ଭୋଟ ପାଇଛନ୍ତି। ୨୦୧୭ ପଞ୍ଚାୟତ ନିର୍ବାଚନରେ ବେଗୁନିଆ ନିର୍ବାଚନମଣ୍ଡଳୀରୁ ଭାଜପାର ୬ ଜଣ ଜିଲା ପରିଷଦ ସଭ୍ୟ ୬୫, ୫୧୬ ଭୋଟ ପାଇଥିବାବେଳେ ୨୦୧୯ ନିର୍ବାଚନରେ ରିଷଭଙ୍କ ଭୋଟକୁ ଅନୁଧ୍ୟାନ କଲେ ଭୋଟ ହାର ବହୁ ପରିମାଣରେ ହ୍ରାସ ପାଇଛି। ସେହିଭଳି କଂଗ୍ରେସ ପ୍ରାର୍ଥୀଙ୍କ ଭୋଟ ହାର ବଢ଼ିଥିଲେ ମଧ୍ୟ ପ୍ରାର୍ଥୀତ୍ୱକୁ ବିରୋଧ କରି ବହୁ ଦଳୀୟ କର୍ମୀ ଓ ଭୋଟର ଅନ୍ୟ ଦଳକୁ ଭୋଟ ଦେଇଥିବା ଚର୍ଚ୍ଚା ହେଉଛି। ତେବେ ଘର ସଜଡାକୁ ପ୍ରାଧାନ୍ୟ ନ ଦେଲେ ଦଳର ଭବିଷ୍ୟତ କ'ଣ ହେବ ସମୟ କହିବ।

## ଛୁରାମାଡ଼ରେ ବ୍ୟବସାୟୀ ଗୁରୁତର

### ଲୁଟିନେଲେ ୪୫ ହଜାର ଟଙ୍କା



ଛୁରା ମାଡରେ ଆହତ ପୂର୍ଣ୍ଣଚନ୍ଦ୍ର ସାହୁ।

ଖୋର୍ଦ୍ଧା ଅଫିସ,୨୫।୫

ଖୋର୍ଦ୍ଧା ସଦର ଥାନା କୋଲକତା-ମାଡ୍ରାସ ୧୬ ନଂ. ଜାତୀୟ ରାଜପଥର ତାପଙ୍ଗ ମଳିପଡା ସୀମାରେ ଶନିବାର ରାତି ୯ଟାରେ ଲୁଟ୍ ହୋଇଛି। ଲୁଟେରାମାନେ ଜଣେ ବ୍ୟବସାୟୀଙ୍କୁ ଛୁରିରେ ଆକ୍ରମଣ କରି ୪୫ ହଜାର ଟଙ୍କା ଲୁଟି ନେଇଛନ୍ତି। ଲୁଟେରାଙ୍କ ଆକ୍ରମଣରେ ଖୋର୍ଦ୍ଧା ଆଦର୍ଶ ଥାନା ହଳଦିଆର ପୂର୍ଣ୍ଣଚନ୍ଦ୍ର ସାହୁ (୪୫) ଗୁରୁତର ହୋଇ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଖବରପାଇ ଖୋର୍ଦ୍ଧା ସଦର ଥାନା ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

ପ୍ରାପ୍ତ ସୂଚନା ଅନୁସାରେ, ଗଡହଳଦିଆର ପୂର୍ଣ୍ଣଚନ୍ଦ୍ରଙ୍କର ଜଙ୍କିଆ ବଜାରରେ ମା' ତାରିଣୀ ଜୁଏଲାରି ରହିଛି। ସବୁଦିନ ପରି ଦୋକାନ ବନ୍ଦ କରି ପୂର୍ଣ୍ଣଚନ୍ଦ୍ର ବାଇକ୍ ଯୋଗେ ଘରକୁ ଫେରୁଥିଲେ। ପଛପଟରୁ ୬ ଜଣ ଦୁର୍ବୃତ୍ତ ୨ଟି ବାଇକ୍‌ରେ ପିଛା କରିଥିଲେ ମଧ୍ୟ ସେ ଜାଣି ପାରି ନ ଥିଲେ। ତାପଙ୍ଗ ମଳିପଡା ସୀମାରେ ଅତର୍କିତ ଭାବେ ଛୁରିରେ ଆକ୍ରମଣ ସମୟରେ ପୂର୍ଣ୍ଣଚନ୍ଦ୍ର ବର୍ତ୍ତି ଯିବା ପାଇଁ ଚେଷ୍ଟା କରିଥିଲେ। ଏପରି କି କିଛି ସମୟ ସେମାନଙ୍କ ସହ ଠେଲାପେଲା ହୋଇଥିଲା। ପୂର୍ଣ୍ଣଚନ୍ଦ୍ରଙ୍କର ଡାହାଣ ହାତ ଓ ଜଙ୍ଘରେ ଗୁରୁତର ଆଘାତ ଲାଗିଛି। ଏ ନେଇ ସଦର ଥାନାରେ ମୌଖିକ ଅଭିଯୋଗ ହୋଇଛି।

# ନିଶା ନିବାରଣ ସଚେତନତା ଅଭିଯାନ

ବେଗୁନିଆ,୨୫।୫ (ଡି.ଏନ.ଏ.)

ପାନ, ବିଡି ନୁହେଁ ଛୋଟିଆ ନିଶା, ଜଣାପଡେ ନାହିଁ ଟାଣେ ପଇସା। ବିଷାକ୍ତ ମଦ ସେବନ ସଅଳ ମୃତ୍ୟୁର କାରଣ। ନିଶାଦ୍ରବ୍ୟ ସେବନ ଦ୍ୱାରା ଉଜୁଡିଯାଉଛି ସୁନ୍ଦର ପରିବାର। ଏଥିଯୋଗୁ ସମାଜିକ ବିଶୃଙ୍ଖଳା, ନାରୀ ନିର୍ଯାତନା ଆଦି ବୃଦ୍ଧି ପାଉଛି। ବିଶେଷ କରି ଆମେମାନେ ଉପାର୍ଜନ କରୁଥିବା ଦୁଇ ପଇସାକୁ ପିଲାମାନେ ନେଇ ମାଦକ ଦ୍ରବ୍ୟ ସେବନରେ ଛନ୍ଦି ହୋଇପଡୁଛନ୍ତି। ଫଳରେ ପରିବାରରେ ଦୈନନ୍ଦିନ ଝଗଡା ଦେଖାଦେଉଛି। ତେବେ ଆଶାତୀତ ଭାବେ ଗ୍ରାମାଞ୍ଚଳରେ ବୃଦ୍ଧି ପାଇଥିବା ଚୋରା ନିଶା ଦ୍ରବ୍ୟ କାରବାରକୁ ସରକାରଙ୍କ ପକ୍ଷରୁ କଟକଣା କରାଯାଉନାହିଁ। ଏଥିସହ ଅବକାରୀ ବିଭାଗ ପକ୍ଷରୁ ଚଢାଉ ମଧ୍ୟ ନାହିଁ। ଫଳରେ ପ୍ରତ୍ୟେକ ଗାଁ ଗଣ୍ଡାରେ ବିଷାକ୍ତ ମଦ ପାଣି ଭଳି ମିଳୁଛି। ତେବେ ଏହାକୁ ରୋକିବାକୁ ଆସ ନାରୀମାନେ ଆଜି ଜାଗ୍ରତ ହେବା। ପୋଲିସ ବିଭାଗ ଯାହା କରିପାରୁନାହିଁ ଆମେ ତାହା ଆଗାମୀଦିନରେ କରି ଦେଖାଇବା ବୋଲି ଏକ ନିଶା ନିବାରଣ ସଚେତନତା ଶୋଭାଯାତ୍ରାରେ ଆହ୍ୱାନ ଦିଆଯାଇଥିଲା। ଏ ନେଇ ଖୋର୍ଦ୍ଧା ଜିଲା ପୋଲିସ ବେଗୁନିଆ ଥାନା ଅଧୀନ କଣ୍ଟାବାଡ ଗ୍ରାମରେ ମହିଳାମାନେ ମଦ ବିରୋଧୀ ଆନ୍ଦୋଳନ କରିବାକୁ ଅଣ୍ଟା ଭିଡିଛନ୍ତି। କଣ୍ଟାବାଡ ପଞ୍ଚାୟତ ଅଞ୍ଚଳର ସ୍ୱୟଂ ସହାୟକ ଗୋଷ୍ଠୀ ସମୂହର ମହିଳାମାନେ ଯୋଗଦେଇ ଶନିବାର ଶୋଭାଯାତ୍ରା ଆରମ୍ଭ କରିଥିଲେ। ଅପରାହ୍ନରେ କଣ୍ଟାବାଡ ପଞ୍ଚାୟତ କାର୍ଯ୍ୟାଳୟ ପରିସରରୁ ସଚେତନ ଶୋଭାଯାତ୍ରା ବାହାରିଥିଲା। ମହିଳା ସଭାନେତ୍ରୀ ସୁମିତ୍ରା ପାଣିଗ୍ରାହୀ, ସମ୍ପାଦିକା ବାସନ୍ତୀ ପାଣିଗ୍ରାହୀଙ୍କ ନେତୃତ୍ୱରେ ଅନୁଷ୍ଠିତ ସଚେତନତା ଶୋଭାଯାତ୍ରାରେ ଶତାଧିକ ମହିଳା ଯୋଗ ଦେଇଥିଲେ। ସେମାନେ ବେଆଇନ ମଦ କାରବାରକୁ ରୋକିବାକୁ ପୂର୍ବରୁ ସ୍ଥାନୀୟ ଥାନା ଅଧିକାରୀ, ବିଡିଓ, ସରପଞ୍ଚ ଓ ସମିତିସଭ୍ୟଙ୍କୁ ଦାବି ପତ୍ର ମାଧ୍ୟମରେ ସୂଚାଇଥିଲେ। ମାତ୍ର ସେମାନଙ୍କ ଦାବିକୁ ଯେପର୍ଯ୍ୟନ୍ତ ସମ୍ମାନ ଦିଆ ନ ଯାଇଛି ସେ ପର୍ଯ୍ୟନ୍ତ ଗାଁକୁ ଗାଁ ବୁଲି ମଦ ବିରୋଧୀ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହେବ ବୋଲି ଆୟୋଜକ ସଭାନେତ୍ରୀ ସୁମିତ୍ରା ପାଣିଗ୍ରାହୀ କହିଛନ୍ତି।




ମହିଳାମାନେ ନିଶା ନିବାରଣ ପାଇଁ ସଚେତନତା ଶୋଭାଯାତ୍ରାରେ ବାହାରିଛନ୍ତି।

## ଖୋଲିଲା ୬ ଏଟିଏମ୍, ପ୍ରବଳ ଭିଡ଼

### ଏସ୍‌ବିଆଇ ଏଟିଏମ୍ ନ ଖୋଲିବାରୁ ଅସନ୍ତୋଷ

ନିରାକାରପୁର, ୨୫।୫ (ଡି.ଏନ.ଏ.)

ଫନୀ ବାତ୍ୟା ପରେ ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତସ୍ଥିତ ବିଭିନ୍ନ ବ୍ୟାଙ୍କର ଏଟିଏମ୍ ସେବା ଠପ୍ ହୋଇଯାଇଥିଲା। ଏଥିଯୋଗୁ ଗ୍ରାହକଙ୍କ ମଧ୍ୟରେ ଘୋର ଅସନ୍ତୋଷ ପ୍ରକାଶ ପାଇଥିଲା। ଚଳିତ ମାସ ୨୩ ତାରିଖରେ 'ଏଟିଏମ୍ ସେବା ଠପ୍ ଯୋଗୁ ଅସନ୍ତୋଷ' ଶୀର୍ଷକ ଖବର ଧରିତ୍ରୀରେ ପ୍ରକାଶ ପାଇବା ପରେ ସ୍ଥାନୀୟ ୭ ଏଟିଏମ୍ କେନ୍ଦ୍ର ମଧ୍ୟରୁ ଶନିବାର ୬ଟି ଖୋଲିଛି। ତେବେ ଦୀର୍ଘଦିନ ପରେ କେନ୍ଦ୍ରଗୁଡ଼ିକ କାର୍ଯ୍ୟକ୍ଷମ ହୋଇଥିବାରୁ ପ୍ରବଳ ଭିଡ଼ ଦେଖାଦେଇଥିଲା। ତେବେ ସ୍ଥାନୀୟ ଏସ୍‌ବିଆଇ ଏଟିଏମ୍‌ଟି ଖୋଲି ନ ଥିବାରୁ ଏବେ ମଧ୍ୟ ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏହାବ୍ୟତୀତ କାର୍ଯ୍ୟକ୍ଷମ ଏଟିଏମ୍‌ଗୁଡ଼ିକରେ ଆବଶ୍ୟକ ପରିମାଣର ଟଙ୍କା ନ ଥିବା ଅଭିଯୋଗ ହୋଇଛି। ଯେଉଁ ଏଟିଏମ୍‌ଟି ଅଚଳ ହୋଇଛି ତାହାକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ସହ ଯଥେଷ୍ଟ ପରିମାଣରେ ଟଙ୍କା ରଖିବାକୁ ଗ୍ରାହକ ମହଲରେ ଅନୁରୋଧ କରାଯାଇଛି।

## ୩ ବିଧାୟକ ଜିତିଲେ

ଖୋର୍ଦ୍ଧା ଅଫିସ,୨୫।୫

୨୦୧୯ ନିର୍ବାଚନରେ ଖୋର୍ଦ୍ଧା ଜିଲାର ୩ ଜଣ ବିଧାୟକ ଭୁବନେଶ୍ୱର ଏକାମ୍ରରୁ ଅଶୋକ ପଣ୍ଡା, ଚିଲିକା ନିର୍ବାଚନମଣ୍ଡଳୀରୁ ପ୍ରଶାନ୍ତ ଜଗଦ୍ଦେବ ଓ ବେଗୁନିଆ ନିର୍ବାଚନମଣ୍ଡଳୀରୁ ରାଜେନ୍ଦ୍ର କୁମାର ସାହୁ ବିଜୟୀ ହୋଇଛନ୍ତି। ଅଶୋକଙ୍କ ମୂଳ ନିର୍ବାଚନମଣ୍ଡଳୀ କାଏମ ରହିଥିବାବେଳେ ପ୍ରଶାନ୍ତ ଓ ରାଜେନ୍ଦ୍ରଙ୍କ ନିର୍ବାଚନମଣ୍ଡଳୀ ପରିବର୍ତ୍ତନ ହୋଇଥିଲା। ରାଜେନ୍ଦ୍ର ଖୋର୍ଦ୍ଧାରେ ୨୦୦୯ ଓ ୨୦୧୪ ଏବଂ ବେଗୁନିଆ ନିର୍ବାଚନମଣ୍ଡଳୀରେ ୨୦୧୯ରେ ବିଜୟୀ ହୋଇ ହ୍ୟାଟିକ କରିଛନ୍ତି। ପ୍ରଶାନ୍ତ ୨୦୧୪ରେ ବେଗୁନିଆରୁ ଓ ୨୦୧୯ରେ ଚିଲିକାରୁ ୨ଥର ନିର୍ବାଚିତ ହୋଇଛନ୍ତି। ସେହିପରି ଅଶୋକ ୩ ଥର ନିର୍ବାଚିତ ହୋଇ ହ୍ୟାଟ୍ରିକ କରିଛନ୍ତି।

### ମନ୍ତ୍ରୀ ପାଇଁ ଲବି

ମନ୍ତ୍ରୀ ପାଇଁ ଲବି ଆରମ୍ଭ ହୋଇଯାଇଛି। ଖୋର୍ଦ୍ଧା ଜିଲାରେ ମନ୍ତ୍ରୀ ପଦ ପାଇଁ ଭୁବନେଶ୍ୱର ଏକାମ୍ରର ଅଶୋକ ପଣ୍ଡା, ବେଗୁନିଆ ନିର୍ବାଚନମଣ୍ଡଳୀରୁ ରାଜେନ୍ଦ୍ର କୁମାର ସାହୁ ଓ ଖୋର୍ଦ୍ଧା ନିର୍ବାଚନମଣ୍ଡଳୀରୁ ଜ୍ୟୋତିରୀନ୍ଦ୍ରନାଥ ମିତ୍ରଙ୍କ ନାଁ ଚର୍ଚ୍ଚା ହେଉଛି ଅଶୋକ ମନ୍ତ୍ରୀ ଥିଲେ। ରାଜେନ୍ଦ୍ର ଖୋର୍ଦ୍ଧା ଜିଲା ଯୋଜନା ବୋର୍ଡର ଅଧ୍ୟକ୍ଷ ଦାୟିତ୍ୱରେ ଅଛନ୍ତି। ପୁଣି ଖୋର୍ଦ୍ଧାରୁ ବେଗୁନିଆ ନିର୍ବାଚନମଣ୍ଡଳୀକୁ ଅପସାରଣ ବେଳେ ରାଜେନ୍ଦ୍ରଙ୍କୁ କୁଆଡେ ମନ୍ତ୍ରୀ ଅଫର ଦିଆଯାଇଥିବା ଚର୍ଚ୍ଚା ହେଉଛି। ସେହିପରି ଜ୍ୟୋତିରୀନ୍ଦ୍ର ୨ ଥର ବିଧାୟକ ଥିଲେ। ତାଙ୍କର ଲବି ମଧ୍ୟ ଭଲ ରହିଛି। ଜିଲାରେ ବିଜେଡିର ୭ ଜଣ ବିଧାୟକ ନିର୍ବାଚିତ ହୋଇଥିବାବେଳେ ଏହି ୩ ଜଣ ବରିଷ୍ଠତା ଭିତ୍ତିରେ ଆସୁଛନ୍ତି।

### ହାୱାରେ ଭାଜପା

ଭୁବନେଶ୍ୱର ଏମ୍‌ପି ପଦକୁ ଛାଡି ଦେଲେ ଖୋର୍ଦ୍ଧା ଜିଲାରେ ଭାଜପା ବିଧାନସଭା ନିର୍ବାଚନରେ ଖାତା ଖୋଲି ପାରିନାହିଁ। ଜିଲାର ୮ଟି ଆସନରୁ ଅଧାରୁ ଅଧିକ ଆସନ ବାଜି ମାରିବ ବୋଲି ଭାଜପାର କର୍ମୀ ଓ ସମର୍ଥକମାନେ କହୁଥିବାବେଳେ ଜିତିଥିବା ଚିଲିକା ଆସନ ହରାଇ ଦେଲେ। ଦଳର ଭୋଟ ବ୍ୟାଙ୍କ ବଢ଼ିଥିଲେ ମଧ୍ୟ ଠିକ୍ ପ୍ରାର୍ଥୀ ଚୟନ ହୋଇ ନ ଥିବା କାରଣ ଯୋଗୁ ପରାଜୟ ମୁହଁ ଦେଖିବାକୁ ପଡିଲା ବୋଲି ଚର୍ଚ୍ଚା ହେଉଛି। ବିଜେଡିର ଶଙ୍ଖନାଦରେ ଫୁଲ ଧରାଶାୟୀ ହୋଇ କେବଳ ହାୱାରେ ରହିଗଲା ବୋଲି ଆଲୋଚନା ଚାଲିଛି।

■ ମୁଣ୍ଡ ଉପରେ ବର୍ଷାଋତୁ

# ବିପନ୍ନ ପାଇନାହାନ୍ତି ପଲିଥିନ୍

### ଆନ୍ଦୋଳନ ପାଇଁ ସଜବାଜ

ଖୋର୍ଦ୍ଧା ଅଫିସ,୨୫।୫

ଫନୀ ଯିବାର ୨୨ ଦିନ ବିତିଗଲାଣି। ଜିଲା ପ୍ରଶାସନ ପକ୍ଷରୁ ଘରଭଙ୍ଗା ସର୍ଭେ ଶେଷ ହେଲାଣି। ହେଲେ ଖୋର୍ଦ୍ଧା ସହରର ସବୁ ୱାର୍ଡରେ ଏଯାବତ ବାତ୍ୟାବିପନ୍ନଙ୍କ ପାଖରେ ପଲିଥିନ୍ ପହଞ୍ଚି ପାରିନି। ବାତ୍ୟାବିପନ୍ନମାନେ ବିଭିନ୍ନ ସମୟରେ ଖୋର୍ଦ୍ଧା ମ୍ୟୁନିସିପାଲିଟି, ତହସିଲଦାର ଓ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ବାରମ୍ବାର ଅଭିଯୋଗ ପରେ ମଧ୍ୟ ସୁଫଳ ପାଇନାହାନ୍ତି। ବର୍ଷାଋତୁ ପୂର୍ବରୁ ଯଦି ପଲିଥିନ୍ ଯୋଗାଇ ଦିଆ ନ ଯାଏ ତେବେ ବିପନ୍ନ ଆନ୍ଦୋଳନ କରିବେ ବୋଲି ନିଷ୍ପତ୍ତି ନେଇଥିବା ଜଣାପଡିଛି। ଫନୀ ପ୍ରଭାବରେ ଖୋର୍ଦ୍ଧା ଜିଲାରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ଏବେବି ସହରର ବିଭିନ୍ନ ସ୍ଥାନରେ ଫନୀର ଆବର୍ଜନା ଜମା ହୋଇରହିଛି। ଗଛ ମଧ୍ୟ ଭାଙ୍ଗି ପଡିରହିଛି। ଏଭଳିସ୍ଥଳେ ବିପନ୍ନ ସରକାରୀ ସହାୟତାରୁ ବଞ୍ଚିତ ହୋଇ ଆସିଥିବା ଅଭିଯୋଗ ଉଠିଛି। ସହରର ୧, ୨, ୩, ୭, ୮ ଓ ୧୬ନଂ. ୱାର୍ଡରେ ବିପନ୍ନ ଉପେକ୍ଷିତ ହୋଇ ରହିଥିବାର କୁହାଯାଉଛି। ଖୋର୍ଦ୍ଧା ସହର ୱାର୍ଡ ନଂ. ୭ ସାମନ୍ତରାପୁରର ଇନ୍ଦୁ ଦେଇ, ପ୍ରମୋଦ ସେଠୀ ଓ ରାଧା ସେଠୀ କୁହନ୍ତି, ବାତ୍ୟାବିପନ୍ନଙ୍କୁ ପ୍ରଶାସନ ଅଣଦେଖା କରୁଛି। ଆମ୍ଭେମାନେ ଖରା କାକରରେ ଛଟପଟ ହେଉଛୁ। ଅଥଚ ଆମକୁ ପଲିଥିନ ଯୋଗାଇ ଦିଆଯାଉନାହିଁ। ପଲିଥିନ ବାବଦ ଟଙ୍କା ମଧ୍ୟ ମିଳୁନି। ତେବେ କ୍ଷୟକ୍ଷତି ହୋଇ ନ ଥିବା ଲୋକ ବହୁ ପୂର୍ବରୁ ପଲିଥିନ୍ ନେଇ ସାରିଲେଣି। ୱାର୍ଡ ନଂ. ୧୬ ଗୁରୁଜଙ୍ଗର କୁନି ବରାଳ, ଭାସ୍କର ସେଠୀ, ଶଙ୍କର୍ଷଣ ସେଠୀ କୁହନ୍ତି, ଗୁରୁଜଙ୍ଗ ଅଞ୍ଚଳରେ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ପରିବାର ସରକାରୀ ସହାୟତା ପାଇନାହାନ୍ତି। ପ୍ରଶାସନ କେଉଁଥି ପାଇଁ ଅଣଦେଖା କରୁଛି ଜଣାପଡୁନି। ମୁକୁନ୍ଦପ୍ରସାଦ ଅଞ୍ଚଳରେ ଯେପରି ରାସ୍ତାରୋକୋ କରି ପଲିଥିନ୍ ଓ ଅନ୍ୟ ଉପକରଣ ପାଇଲେ ଆମ୍ଭେମାନେ ସେପରି ଆନ୍ଦୋଳନ କରିବାକୁ ପ୍ରସ୍ତୁତି ଚଳାଇଛୁ ବୋଲି କହିଛନ୍ତି। ସେହିଭଳି ୮ନଂ. ୱାର୍ଡ ଠେଙ୍ଗାହାଟର ବ୍ରଜ କିଶୋର ମହାନ୍ତି କୁହନ୍ତି, ବାତ୍ୟା ଧନୀ, ଗରିବ ଦେଖି ନ ଥିଲା। କିନ୍ତୁ ପ୍ରଶାସନ ଧନୀ ଓ ଗରିବ ପ୍ରଭେଦ ସୃଷ୍ଟି କରିଛି। ଗରିବକୁ ସହାୟତା ଦେବାବେଳକୁ କୁଣ୍ଠିତ ହେଉଛନ୍ତି। ସର୍ଭେ ଠିକ୍ ହୋଇ ନଥିବାରୁ ଏପରି ଅସୁବିଧା ହୋଇଛି। ଏହାର ସମାଧାନ କରା ନ ଗଲେ ଆନ୍ଦୋଳନ ମାଧ୍ୟମରେ ହକ ଆଦାୟ କରାଯିବାକୁ ଚେଷ୍ଟା ହେବ।

■ ଖରିଫ୍ ଧାନ ଫସଲ ପାଇଁ ଜମି ପ୍ରସ୍ତୁତି

# ୧୪,୪୫୦ ହେକ୍ଟର ଜମିରେ ଚାଷ ପାଇଁ ଲକ୍ଷ୍ୟଧାର୍ଯ୍ୟ

ବୋଲଗଡ଼,୨୫।୫(ଡି.ଏନ.ଏ.

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଅଞ୍ଚଳଟି ବୃଷ୍ଟିପ୍ରବଣ ଅଞ୍ଚଳ ଭାବେ ପରିଚିତ। ଏଠାରେ ଚାଷୀମାନଙ୍କ ପ୍ରମୁଖ ଆୟକାରୀ ଫସଲ ଭାବେ ଖରିଫ ଧାନଚାଷ ପରିଚିତ। ଅନିୟମିତ ପ୍ରବଳ ବର୍ଷା, ବାତ୍ୟା ଭଳି ପ୍ରାକୃତିକ ଦୁର୍ବିପାକ ସହ ଜଳସେଚନର ଅଭାବ ସତ୍ତ୍ୱେ ଅଞ୍ଚଳର ଚାଷୀମାନେ ଖରିଫ ଧାନ ଫସଲ ପାଇଁ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଜମି ପ୍ରସ୍ତୁତିରେ ଲାଗି ପଡ଼ିଛନ୍ତି। ଫନୀ ପରେ ସ୍ଥାନୀୟ ଅଞ୍ଚଳର ଜମିଗୁଡିକ ଚାଷ ପାଇଁ ପାଗ ପ୍ରସ୍ତୁତ ରହିଛି। ଫଳରେ ଚାଷୀମାନେ ଏହି ସମୟରେ ଖରାଟିଆ ଧାନ ଚାଷ ନିମନ୍ତେ କୃଷି କାର୍ଯ୍ୟ ଆରମ୍ଭ କରିସାରିଲେଣି। ବିଗତ ବର୍ଷ ବ୍ଲକ ଅଞ୍ଚଳରେ ପ୍ରାୟ ୧୪ହଜାର ୪୫୦ହେକ୍ଟର ଜମିରେ ଧାନ ଚାଷ କରାଯାଇଥିଲା। ଏ ବର୍ଷ ଜୁନ ୨ୟ ସପ୍ତାହ ବେଳକୁ ଓଡ଼ିଶାରେ ମୌସୁମୀ ବର୍ଷା ହେବାର ସମ୍ଭାବନା ରହିଛି। ତେଣୁ ଚାଷୀମାନେ ଭଲ ଧାନ ଫସଲ ଅମଳ ନିମନ୍ତେ ପ୍ରସ୍ତୁତି ଚଳାଇଛନ୍ତି। ପାଣିପାଗ ବିଭାଗର ପୂର୍ବାନୁମାନ ଅନୁସାରେ ଏ ବର୍ଷ ମଧ୍ୟ ଠିକ୍ ସମୟରେ ମୌସୁମୀ ବର୍ଷା ହେବ କି ନାହିଁ ସେ ନେଇ ଚାଷୀଙ୍କ ମଧ୍ୟରେ ସନ୍ଦେହ ରହିଛି। ଏକ ସର୍ବେକ୍ଷଣରୁ ଜଣାପଡ଼େ, ବିଗତ ବର୍ଷ ୧୯ ହଜାରରୁ ଊର୍ଦ୍ଧ୍ୱ ଚାଷୀ ପ୍ରାୟ ୧୩ ହଜାର ହେକ୍ଟର ଜମିରେ ଅଧିକ ଅମଳକ୍ଷମ ଧାନଚାଷ ଓ ପ୍ରାୟ ଦେଢହଜାର ହେକ୍ଟର ଜମିରେ ଦେଶୀ ଧାନଚାଷ କରିବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରିଥିଲେ। ଏ ବର୍ଷ ବୋଲଗଡ଼ ବ୍ଲକସ୍ଥିତ ୩ ହଜାର ୩୧୬ ହେକ୍ଟର ଡିପ ଜମି, ୭ ହଜାର ୧୯୭ ହେକ୍ଟର ମଧ୍ୟମ କିସମର ଜମି ଏବଂ ୪ ହଜାର ୨୫୪ ହେକ୍ଟର ଖାଲୁଆ ଜମି ମଧ୍ୟରୁ ପ୍ରାୟ ୧୪ ହଜାର ୪୫୦ ହେକ୍ଟର ଜମିରେ ଧାନଚାଷ କରାଯିବା ନେଇ କୃଷି ବିଭାଗ ପକ୍ଷରୁ ଲକ୍ଷ୍ୟଧାର୍ଯ୍ୟ ରହିଛି। ସେହିପରି ବଳକା ଜମିରେ ଅଣଧାନ ଚାଷ ପାଇଁ ମଧ୍ୟ ଲକ୍ଷ୍ୟଧାର୍ଯ୍ୟ ରହିଛି। ଧାନଚାଷ ଫସଲ ନିମନ୍ତେ ସମୟାନୁସାରେ ସରକାରଙ୍କ ପକ୍ଷରୁ ଆବଶ୍ୟକ ପରିମାଣର ବିହନ ଯୋଗାଇ ଦିଆଯିବା ନେଇ ଚାଷୀ ମହଲରେ ଆଶାସୂଚକ ମତ ପ୍ରକାଶ ପାଇଛି। କେତେଜଣ ଚାଷୀ ନିଜ ଜମିରେ ବୁଣିବା ପାଇଁ ଧାନ ବିହନ ସାଇତି ରଖିଛନ୍ତି। ଉଲ୍ଲେଖଯୋଗ୍ୟ, ୧ ହେକ୍ଟର ଜମି ପାଇଁ ପ୍ରାୟ ୫୦ କେଜି ବିହନ ବ୍ୟବହାର କରାଯାଇଥାଏ। ଚଳିତ ବର୍ଷ ହେକ୍ଟର ପିଛା ପ୍ରାୟ ୩୬ କୁଇଣ୍ଟାଲ ଅଧିକ ଅମଳକ୍ଷମ ଧାନ ଏବଂ ପ୍ରାୟ ୨୪ କୁଇଣ୍ଟାଲ ଦେଶୀ ଧାନ ଅମଳ ପାଇଁ ଲକ୍ଷଧାର୍ଯ୍ୟ ଥିବା କୁହାଯାଇଛି। ଏଥିପାଇଁ ବିଭାଗ ପକ୍ଷରୁ କୃଷକମାନଙ୍କୁ ବିହନ, ସାର ଆଦି ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରାଯାଇଛି। କୃଷି କାର୍ଯ୍ୟାଳୟ ପକ୍ଷରୁ ପ୍ରାପ୍ତ ସୂଚନା ଅନୁସାରେ, ଗତବର୍ଷ ଧାନ ଫସଲ ନିମନ୍ତେ ହେକ୍ଟର ପିଛା ହାରାହାରି ୫୪.୨୦ କିଲୋଗ୍ରାମ ହିସାବରେ ମୋଟ ୮୫୮ ମେଟ୍ରିକ ଟନ୍ ସାର ବ୍ୟବହାର ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଥିଲା। ଚଳିତ ବର୍ଷ ମଧ୍ୟ ଫସଲ ବୃଦ୍ଧି ନିମନ୍ତେ ଆନୁଷଙ୍ଗିକ ସହାୟତା ଯୋଗାଇ ଦିଆଯିବା ନେଇ ସୂଚନା ମିଳିଛି।



ଜଣେ ଚାଷୀ ଜମିରେ ବିହନ ବୁଣୁଛନ୍ତି।

## ସଂକ୍ଷେପରେ

### ୨୩ ଦିନ ପରେ ଆଲୋକିତ ହେଲା ଅଲାରନାଥ ପୀଠ

**ବ୍ରହ୍ମଗିରି, ୨୫।୫(ଡି.ଏନ୍.ଏ.):** ଫନୀ ବାତ୍ୟାକୁ ୨୩ ଦିନ ବିତିଥିବା ବେଳେ ଶନିବାର ଅପରାହ୍ନରେ ପ୍ରଥମକରି ଅଲାରନାଥ ପୀଠରେ ବିଜୁଳି ଆଲୁଅ ଜଳିଥିବା ଦେଖିବାକୁ ମିଳିଛି। କିନ୍ତୁ ଗାଁ ଗହଳିକୁ ଏ ଯାବତ୍ ବିଦ୍ୟୁତ୍ ସଂଯୋଗ ପ୍ରଦାନ କରାଯାଇ ନ ଥିବାରୁ ବ୍ରହ୍ମଗିରି ଅଞ୍ଚଳବାସୀ ଅନ୍ଧାରରେ ରହିଛନ୍ତି। ବିଦ୍ୟୁତ୍ ବିନା ଦିନକୁ ଦିନ ବ୍ରହ୍ମଗିରି ସମସ୍ୟା ଘେରକୁ ଚାଲି ଯାଉଛି। ବ୍ୟାଙ୍କ ଠାରୁ ଆରମ୍ଭ କରି କୌଣସି ଅଫିସରେ କାର୍ଯ୍ୟ ଠିକ୍ ଭାବରେ ହୋଇପାରୁନାହିଁ। ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କ କହିବା ଅନୁସାରେ ମରାମତି କାର୍ଯ୍ୟ ଆଗେଇ ଚାଲିଛି। ଖୁବ୍‌ଶୀଘ୍ର ବିଦ୍ୟୁତ୍ ସେବା ସ୍ୱାଭାବିକ କରାଯିବ। ସନ୍ଧ୍ୟା ହେଲେ ବ୍ରହ୍ମଗିରି ବଜାର ଜନଶୂନ୍ୟ ହୋଇପଡୁଛି।

### ବଟି ମାଗି ଜଣେ ଅଟକ

**ବ୍ରହ୍ମଗିରି, ୨୫।୫(ଡି.ଏନ୍.ଏ.):** ବ୍ରହ୍ମଗିରି ଅଞ୍ଚଳ ଫନୀରେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। ବିଭିନ୍ନ ଆନୁଷଙ୍ଗିକ ସେବା ବର୍ତ୍ତମାନ ପର୍ଯ୍ୟନ୍ତ ଲୋକଙ୍କ ପାଖରେ ପହଞ୍ଚିପାରିନାହିଁ। ଏହି ସମୟରେ ଲୋକଙ୍କୁ ଭ୍ରାମ୍ୟମାଣ ଟାୱାର ଯୋଗେ ସେବା ଯୋଗାଇଦେଉଥିବା କର୍ମଚାରୀଙ୍କଠାରୁ ବଟି ମାଗି ଜଣେ ବ୍ୟକ୍ତି ଅଟକ ରହିଛନ୍ତି। ଶନିବାର ଏକ ମୋବାଇଲ ନେଟୱର୍କ ସଂସ୍ଥାଦ୍ୱାରା ଭ୍ରାମ୍ୟମାଣ ଟାୱାର ଯୋଗାଯାଉଥିବା ସମୟରେ କେତକ ଯୁବକ ତାଙ୍କୁ ଅଟକାଇ ବଟି ମାଗିଥିଲେ। ଏନେଇ ଖବର ପାଇ ବ୍ରହ୍ମଗିରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଜଣେ ଯୁବକଙ୍କୁ ଅଟକ ରଖିଥିଲା। ଏ ସମ୍ପର୍କରେ ବ୍ରହ୍ମଗିରି ଥାନା ଅଧିକାରୀ ମନୋଜ କୁମାର ଶତପଥୀଙ୍କୁ ପଚାରିବାରେ କୁହନ୍ତି, ଏ ନେଇ କୌଣସି ଲିଖିତ ଅଭିଯୋଗ ହୋଇନାହିଁ। ଅଭିଯୋଗ ହେଲେ ଯାହା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ଖବରକାଗଜ ବିତରକଙ୍କ ଉଦ୍ଦେଶ୍ୟରେ ଶୋକସଭା

**ବ୍ରହ୍ମଗିରି, ୨୫।୫(ଡି.ଏନ୍.ଏ.):** ବ୍ରହ୍ମଗିରିର ଖବରକାଗଜ ବିତରକ ସ୍ୱର୍ଗତ କାଶୀନାଥ ବାରିକଙ୍କ ଉଦ୍ଦେଶ୍ୟରେ ଶନିବାର ବ୍ରହ୍ମଗିରି ସାମ୍ବାଦିକ ସଂଘ ତରଫରୁ ଏକ ଶୋକସଭା ପାଳନ କରାଯାଇଛି। ବ୍ରହ୍ମଗିରି ବସ୍ ଷ୍ଟାଣ୍ଡ ନିକଟସ୍ଥ ଖବର କାଗଜ ବିତରଣ କେନ୍ଦ୍ର ନିକଟରେ ଶନିବାର ସନ୍ଧ୍ୟାରେ ପାଳନ ହୋଇଥିବା ଏହି ଶୋକ ସଭାରେ ପ୍ରଥମେ କାଶୀନାଥଙ୍କ ଉଦ୍ଦେଶ୍ୟରେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ବ୍ରହ୍ମଗିରିରେ ଦୀର୍ଘ ୩୦ ବର୍ଷ ହେବ ସେ ଖବର କାଗଜ ବିତରଣ କରିଆସୁଥିବା ବେଳେ ତାଙ୍କର ମଧୁର ବ୍ୟବହାର ଲୋକଙ୍କ ମନ କିଣି ନେଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ରହ୍ମଗିରିରେ କାର୍ଯ୍ୟରତ ସମସ୍ତ ଖବରଦାତା ଉପସ୍ଥିତ ରହି ତାଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ।

### ଭାଜପା ବିଜୟ ଖୁସିରେ ମାଗଣା ଚା' ବଣ୍ଟନ

**ବ୍ରହ୍ମଗିରି, ୨୫।୫(ଡି.ଏନ୍.ଏ.):** ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀରେ ପ୍ରଥମ କରି ଭାଜପା ପ୍ରାର୍ଥୀ ଲଳିତେନ୍ଦୁ ବିଦ୍ୟାଧର ବିଜୟୀ ହେବା ପରେ ବ୍ରହ୍ମଗିରି ଅଞ୍ଚଳରେ ବିଜୟ ଉତ୍ସବ ପାଳନ ଖୁବ୍ ଜୋରଦାର ଚାଲିଛି। ସ୍ୱର୍ଗତ ଲୁଲୁ ମହାପାତ୍ରଙ୍କ ପରିବାର ପୁଣି କ୍ଷମତାକୁ ଫେରିବା ଦ୍ୱାରା ବ୍ରହ୍ମଗିରି ଲୁଲୁ ପ୍ରେମୀଙ୍କ ମଧ୍ୟରେ ଉତ୍ସାହ ବଢ଼ିଯାଇଛି। ଅତୀତରେ ଲୁଲୁଙ୍କ ସହାୟତାରେ ବ୍ରହ୍ମଗିରି ବଜାରରେ ଚା' ଦୋକାନ କରି ନିଜର ଗୁଜୁରାଣ ମେଣ୍ଟାଉଥିବା ବିଜୟ କୁମାର ଦଳାଇ ଖୁସିରେ ଆତ୍ମହରା ହୋଇପଡିଥିଲେ। ଏହି ନିର୍ବାଚନରେ ଲଳିତେନ୍ଦୁଙ୍କ ବିଜୟପରେ ଲୁଲୁଙ୍କ ଆତ୍ମା ଶାନ୍ତି ପାଇଛି ବୋଲି କହିବା ସହ ଶନିବାର ବ୍ରହ୍ମଗିରି ବଜାରର ଗୋପଛକ ନିକଟରେ ଥିବା ଦୋକାନରେ ଦିନ ତମାମ ମାଗଣା ଚା' ବାଣ୍ଟିଥିଲେ। ପ୍ରାୟ ୨ହଜାରରୁ ଊର୍ଦ୍ଧ୍ୱ କପ ଚା' ବାଣ୍ଟିଥିବା ସେ କହିଛନ୍ତି। ଏ ସମ୍ପର୍କରେ ସେ କୁହନ୍ତି, ଲୁଲୁ ଭାଇଙ୍କ ଯୋଗୁ ମୋ ପରିବାର ଆଜି ବଞ୍ଚିଛି। ଦୀର୍ଘ ଦିନ ପରେ ତାଙ୍କ ପରିବାର ଯେତେବେଳେ ବିଜୟ ଟିକା ପିନ୍ଧିଛି ସେଇ ଖୁସିରେ ଆଜି ମୁଁ ଚା' ବାଣ୍ଟି ବେବି ଭାଇଙ୍କ ପାଇଁ ବ୍ରହ୍ମଗିରିର ସମସ୍ତ ଭୋଟର ଭାଇଭଉଣୀଙ୍କ ଆଶୀର୍ବାଦ ଭିକ୍ଷା କରୁଛି।

## ପୁରୀ ଲୋକ ସଭା

# ବିଜେଡିକୁ ଅଗ୍ରଣୀ ଦେଲେ ୫ ନିର୍ବାଚନମଣ୍ଡଳୀ

**ଭାଜପା ସପକ୍ଷରେ ଯାଇଥିଲା ପୁରୀ, ବ୍ରହ୍ମଗିରି**

**ପୁରୀ ଅଫିସ,୨୫।୫**

ପୁରୀ ଲୋକସଭା କ୍ଷେତ୍ର ଅଧୀନରେ ରହିଛି ୭ ବିଧାନସଭା ନିର୍ବାଚନ ମଣ୍ଡଳୀ । ଏଥିମଧ୍ୟରେ ପୁରୀର ପିପିଲି, ସତ୍ୟବାଦୀ, ପୁରୀ ଓ ବ୍ରହ୍ମଗିରି, ଖୋର୍ଦ୍ଧାର ଚିଲିକା ଏବଂ ନୟାଗଡ଼ର ରଣପୁର ଏବଂ ନୟାଗଡ଼ ନିର୍ବାଚନମଣ୍ଡଳୀ ଅଛି । ତେବେ ଏଥର ନିର୍ବାଚନରେ ବିଜେଡିର ପିନାକୀ ମିଶ୍ର ଭାଜପାର ଡା. ସମ୍ବିତ୍ ପାତ୍ରଙ୍କୁ ୧୧,୭୧୪ ଭୋଟରେ ପରାସ୍ତ କରି ବିଜୟୀ ହୋଇଛନ୍ତି । ପିନାକୀ ୫,୩୮,୩୨୧ ଭୋଟ ପାଇଥିବା ବେଳେ ସମ୍ବିତ୍ ୫,୨୬,୬୦୭ ଖଣ୍ଡ ଭୋଟ ପାଇଛନ୍ତି। ତେବେ ବିଜେଡିକୁ ୪ଟି ନିର୍ବାଚନ ମଣ୍ଡଳୀ (ପିପିଲି, ସତ୍ୟବାଦୀ, ଚିଲିକା ଓ ରଣପୁର) ଅଗ୍ରଣୀ ଦେଇଥିବା ବେଳେ ଭାଜପାକୁ ପୁରୀ, ବ୍ରହ୍ମଗିରି ଅଗ୍ରଣୀ ଦେଇଥିଲା ।

ମିଳିଥିବା ତଥ୍ୟ ଅନୁଯାୟୀ, ସତ୍ୟବାଦୀରେ ବିଜେଡି ଭାଜପାଠାରୁ ୧୪,୨୭୨ ଭୋଟ ଅଧିକ ପାଇଛି। ଏଠାରେ ବିଜେଡି ୭୮,୮୮୬ ଭୋଟ ପାଇଥିବା ବେଳେ ଭାଜପାକୁ ୬୪,୬୧୪ ଭୋଟ ମିଳିଛି । ସେହିପରି ପିପିଲିରେ ବିଜେଡି ୮୭,୫୫୦ ଭୋଟ ପାଇଥିବା ବେଳେ ଭାଜପା ୭୪,୩୨୮ ଖଣ୍ଡ (ବ୍ୟବଧାନ ୧୩,୨୨୨), ଚିଲିକାରେ ବିଜେଡି ୭୬,୫୬୭ ଭୋଟ ପାଇଥିବା ବେଳେ ଭାଜପା ୭୩,୮୭୮ (ବ୍ୟବଧାନ୨,୬୮୯), ରଣପୁରରେ ବିଜେଡି ୬୯,୨୮୫ ଭୋଟ ପାଇଥିବା ବେଳେ ଭାଜପା ୬୭,୭୭୭(ବ୍ୟବଧାନ ୧,୫୦୮) ଏବଂ ନୟାଗଡ଼ରେ ବିଜେଡି ୮୦,୮୪୫ ଭୋଟ ପାଇଥିବା ବେଳେ ଭାଜପାକୁ ମିଳିଥିଲା ୬୮,୭୨୨ (ବ୍ୟବଧାନ ୧୨,୧୨୩)ଖଣ୍ଡ ଭୋଟ। ଭାଜପା ପୁରୀରେ ୮୭,୦୨୮ ଖଣ୍ଡ ଭୋଟ ପାଇଥିବା ବେଳେ ବିଜେଡିକୁ ମିଳିଥିଲା ୬୦,୬୬୪ ଖଣ୍ଡ ଭୋଟ। ଏଠାରେ ଭାଜପା ୨୬,୩୬୪ ଭୋଟ ଅଧିକ ପାଇଥିଲା । ସେହିପରି ବ୍ରହ୍ମଗିରିରେ ଭାଜପା ୪,୧୭୨ ଖଣ୍ଡ ଭୋଟ ଅଧିକ ପାଇଥିଲା । ଏଠାରେ ଭାଜପା ୮୮,୧୫୭ ଖଣ୍ଡ ଭୋଟ ପାଇଥିବା ବେଳେ ବିଜେଡିକୁ ମିଳିଥିଲା ୮୩,୯୮୫ ଭୋଟ ।

ପୁରୀ ଲୋକସଭା ନିର୍ବାଚନମଣ୍ଡଳୀର ଭୋଟ ଗଣତି ସମୟରେ ବିଜେଡି ଏବଂ ଭାଜପା ପାର୍ଥୀଙ୍କ ମଧ୍ୟରେ କଡା ଟକ୍କର ହୋଇଥିଲା । କେତେବେଳେ ବିଜେଡି ତ ପୁଣି କେତେବେଳେ ଭାଜପା ଅଗ୍ରଣୀ ରହୁଥିଲା । ହେଲେ ଶେଷରେ ବିଜେଡିର ପିନାକୀ ମିଶ୍ର ବିଜୟୀ ହୋଇଥିଲେ ।



ପୁରୀ ଜୁଡୋ ଆସୋସିଏଶନ ପକ୍ଷରୁ ଗୁଜରାଟରେ ମୃତ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି।

## ସୁରଟ ଅଗ୍ନିକାଣ୍ଡ ମୃତକଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି

**ପୁରୀ ଅଫିସ,୨୫।୫**

ଗୁଜରାଟର ସୁରଟସ୍ଥିତ ଏକ କୋଚିଂ ସେଣ୍ଟରରେ ଶୁକ୍ରବାର ଅଗ୍ନିକାଣ୍ଡ ଘଟି ୨୦ଜଣ ଛାତ୍ର ପ୍ରାଣ ହରାଇଥିଲେ। ସେମାନଙ୍କ ଉଦ୍ଦେଶ୍ୟରେ ଶନିବାର ପୁରୀ ଜୁଡୋ ଆସୋସିଏଶନ ପକ୍ଷରୁ ସିଂହଦ୍ୱାର ସମ୍ମୁଖରେ ସମୂହ ଦୀପଦାନ କରାଯାଇ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏହି ଅବସରରେ ଅନୁଷ୍ଠାନର ସମ୍ପାଦକ ସବ୍ୟସାଚୀ ମହାପାତ୍ର, ସିନିୟର କୋଚ୍ ସବିତା ନନ୍ଦ, ମନୋଜ ସାହୁ, ସନ୍ତୋଷ ପାତ୍ରଙ୍କ ସମେତ ବହୁ ଜୁଡୋ ଖେଳାଳୀ ଉପସ୍ଥିତ ରହି ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ସମ୍ପାଦକ ରଥ କହିଥିଲେ, ଏଭଳି ଘଟଣା ସାରା ଦେଶକୁ ସ୍ତବ୍ଧ କରିଛି। ଭବିଷ୍ୟତରେ ଆଉ ଯେପରି ଏଭଳି ଘଟଣାର ପୁନରାବୃତ୍ତି ନ ଘଟିବ ସେଥିପ୍ରତି ରାଜ୍ୟ ସରକାର ଗୁରୁତ୍ୱ ଦେବା ଆବଶ୍ୟକ । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବଡ ସପିଂ ମଲ, ତାରକା ହୋଟେଲ, ବୃହତ କୋଠା, ଶିକ୍ଷାନୁଷ୍ଠାନରେ ଅଗ୍ନି ନିରାପତ୍ତା ଉପରେ ଗୁରୁତ୍ୱ ଦେବା ଜରୁରୀ ହୋଇପଡ଼ିଛି।



ପୁରୀ ଚନ୍ଦନ ଯାତ୍ରା ଅବସରରେ ଚନ୍ଦନ ଚକଡ଼ାରେ କଳାକାରଙ୍କ ଦ୍ୱାରା ଶନିବାର ଭଜନ ପରିବେଷଣ କରାଯାଉଛି।

## ବଙ୍ଗୀୟ ଯୁବତୀଙ୍କୁ ଗଣବଳାତ୍କାର ଘଟଣା: ୨ ଅଭିଯୁକ୍ତ ଜେଲ ଗଲେ

**କୋଣାର୍କ, ୨୫।୫(ଡି.ଏନ୍.ଏ.)**

କୋଣାର୍କରେ ୭ମାସ ପୂର୍ବରୁ ଚର୍ଚ୍ଚାରେ ରହିଥିବା ମାର୍କେଟ କମ୍ପ୍ଲେକ୍ସ ବଙ୍ଗୀୟ ଯୁବତୀଙ୍କୁ ଗଣବଳାତ୍କାର ଘଟଣାରେ ଦୁଇ ମୁଖ୍ୟ ଅଭିଯୁକ୍ତ ଶନିବାର ଜେଲ୍ ଯାଇଛନ୍ତି। ଦୀର୍ଘ ୭ମାସ ଫେରାର ରହିଥିବା ଏହି ୨ଜଣ ଦେହ ଦଲାଲ ଶୁକ୍ରବାର ପୋଲିସ ହାତରେ ଧରାପଡିଥିଲେ। ସେମାନେ ହେଲେ ଗୋପ ନିକଟ ବେଦପୁର ଅଞ୍ଚଳର ସୁବାସ ବେହେରା ଓ କୃଷ୍ଣଚନ୍ଦ୍ର ବେହେରା। ୨୦୧୮ ଅକ୍ଟୋବର ୧୭ତାରିଖରେ ଏକ ବନ୍ଦ ଦୁଇ ମହଲା କୋଠା ଘର ଭିତରୁ ଜଣେ ବଙ୍ଗୀୟ ଯୁବତୀଙ୍କୁ ଅସୁସ୍ଥ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଯୁବତୀଙ୍କ ବୟାନ ଅନୁସାରେ ତାଙ୍କୁ ଦୀର୍ଘଦିନ ଧରି ଉକ୍ତ କୋଠରିରେ ରଖାଯାଇ ଗଣବଳାତ୍କାର କରାଯାଉଥିଲା। ସେହି ଘଟଣାରେ କୋଣାର୍କ ପୋଲିସ ୭ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରଥିବାବେଳେ ଅନ୍ୟ ୫ଜଣ ଫେରାର ହୋଇଯାଇଥିଲେ। ଶୁକ୍ରବାର ଦୁଇଜଣ ଗୋଟିଏ ଗ୍ରାମରେ ଖେଳୁଥିବାର ପୋଲିସ କୌଣସି ସୂତ୍ରରୁ ଖବର ପାଇ ସେଠାରୁ ସେମାନଙ୍କୁ ଗିରଫ କରିଥିଲା। ଶନିବାର କୋଣାର୍କ ଥାନା କେସ ନଂ ୧୦୪/୧୮ରେ କୋର୍ଟଚାଲାଣ କରିଥିଲେ। ଅନ୍ୟ ୩ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଧରା ଯିବ ବୋଲି ଥାନାଧିକାରୀ ସଞ୍ଜୀବ କୁମାର ପ୍ରଧାନ କହିଛନ୍ତି।

## ବିଦ୍ୟୁତ୍ ସଂଯୋଗ ଦାବିରେ ରାସ୍ତାରୋକୋ



ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଛନ୍ତି।

**ନିମାପଡ଼ା,୨୫।୫(ଡି.ଏନ୍.ଏ.)**

ବାତ୍ୟା 'ଫନୀ'ର ୨୨ଦିନ ପରେ ବି ନିମାପଡ଼ା ଏନ୍‌ଏସି ଅନ୍ତର୍ଗତ ୩ନଂ. ୱାର୍ଡର ମୁସଲମାନ ବସ୍ତିକୁ ବିଦ୍ୟୁତ୍ ସଂଯୋଗ ହୋଇପାରିନାହିଁ। ଏନ୍‌ଏସିର ବିଭିନ୍ନ ୱାର୍ଡକୁ ବିଦ୍ୟୁତ୍ ସଂଯୋଗ କରାଯାଇଥିବା ବେଳେ ଏହି ବସ୍ତିକୁ ବିଦ୍ୟୁତ୍ ସଂଯୋଗ ହୋଇ ନ ଥିବାରୁ ବସ୍ତିବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଥିଲା। ଏହି ବସ୍ତିକୁ ବିଦ୍ୟୁତ୍ ସଂଯୋଗ ଦାବିରେ ଶନିବାର ଶତାଧିକ ଲୋକ ନିମାପଡ଼ା-ବାମନାଳ ମୁଖ୍ୟ ରାସ୍ତାର ମୁସଲମାନ ବସ୍ତିଛକଠାରେ ରାସ୍ତାରୋକୋ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରୁ ଆସୁଥିବା ସମସ୍ତ ଯାନବାହନ ଅଟକି ରହିଥିଲା। ଖବରପାଇ ନିମାପଡ଼ା ଥାନା ଏସ୍‌ଆଇ କୃଷ୍ଣଚନ୍ଦ୍ର ପୃଷ୍ଟି, ଅଭିମନ୍ୟୁ ଖଟୁଆ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଏ ସମ୍ପର୍କରେ ବିଦ୍ୟୁତ୍ ବିଭାଗ ଯନ୍ତ୍ରୀଙ୍କୁ ଜଣାଯାଇ ଦୁଇଦିନ ମଧ୍ୟରେ ବିଦ୍ୟୁତ୍ ସଂଯୋଗ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ପୂର୍ବାହ୍ନ ୧୦ଟାରୁ ୧୧ଟା ପର୍ଯ୍ୟନ୍ତ ରାସ୍ତାରୋକୋ ହୋଇଥିଲା। ରାସ୍ତାରୋକୋ ପ୍ରତ୍ୟାହୃତ ପରେ ଯାନବାହନ ଚଳାଚଳ ହୋଇଥିଲା।

# ଆଜି ଶ୍ରୀକ୍ଷେତ୍ରେ ଭଉଁରି

**■ଚାପ ଖେଳିବେ ଠାକୁର**
**■ଝଲସିବ ନରେନ୍ଦ୍ର ପୁଷ୍କରିଣୀ**

**ପୁରୀ ଅଫିସ,୨୫।୫**

ପବିତ୍ର ଅକ୍ଷୟ ତୃତୀୟା ତିଥିରୁ ଆରମ୍ଭ ହୋଇଥିବା ମହାପ୍ରଭୁଙ୍କ ବାହାର ଚନ୍ଦନ ଯାତ୍ରା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରବିବାର ଶ୍ରୀକ୍ଷେତ୍ରେ ଭଉଁରୀ। ଏଥିଲାଗି ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ନରେନ୍ଦ୍ର ପୁଷ୍କରିଣୀରେ ୨୧ ଘେରା ପରିକ୍ରମା କରି ଚାପ ଖେଳିବେ ଠାକୁର। ରଙ୍ଗିନ ଆଲୋକମାଳା ଓ ଆତସବାଜିରେ ଝଲସିବ ନରେନ୍ଦ୍ର ପୁଷ୍କରିଣୀ। ମହାପ୍ରଭୁଙ୍କ ଭଉଁରୀ ଯାତ ଦେଖିବା ଲାଗି ନରେନ୍ଦ୍ର କୂଳରେ ଭକ୍ତଙ୍କ ପ୍ରବଳ ସମାଗମ ହେବାର ସମ୍ଭାବନା ରହିଛି। ମହାପ୍ରଭୁଙ୍କ ବାହାର ଚନ୍ଦନ ଯାତ୍ରାରେ ମଦନମୋହନ, ଶ୍ରୀଦେବୀ, ଭୂଦେବୀ, ରାମକୃଷ୍ଣ ଏବଂ ପଞ୍ଚମହାଦେବ ନରେନ୍ଦ୍ର ପୁଷ୍କରିଣୀରେ ନନ୍ଦା ଭଦ୍ରା ଚାପରେ ପ୍ରତ୍ୟହ ଜଳକ୍ରୀଡ଼ା କରୁଛନ୍ତି। ବାହାର ଚନ୍ଦନ ଯାତ୍ରାରେ ପ୍ରତ୍ୟହ ମହାପ୍ରଭୁ ଦିନ ଚାପରେ ଗୋଟିଏ ଘେରା ଏବଂ ରାତି ଚାପରେ ୩ ଘେରା ପରିକ୍ରମା କରିଥାନ୍ତି। କିନ୍ତୁ ଭଉଁରୀରେ ରାତି ଚାପରେ ଠାକୁର ନରେନ୍ଦ୍ର ପୁଷ୍କରିଣୀରେ ୨୧ ଘେରା ଜଳକ୍ରୀଡ଼ା କରିବେ। ବାହାର ଚନ୍ଦନର ଶେଷ ଦିନ (୨୧ ଦିନରେ)ରେ ଅର୍ଥାତ୍ ସୋମବାର ହଳଦୀ ପାଣି ନୀତି ଅନୁଷ୍ଠିତ ହେବ। ଏହି ଦିନ କେବଳ ଦିନ ଚାପ ହୁଏ। ଅନ୍ୟପକ୍ଷରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଭଉଁରୀ ଯାତ୍ରା ଲାଗି ନୀତି ନିର୍ଘଣ୍ଟ ଚୂଡ଼ାନ୍ତ ହୋଇଛି।

# ପୁରୀ ଜିଲାରେ ପୋଷ୍ଟାଲ ଭୋଟ ୨,୨୯୮

**ଭାଜପାକୁ ମିଳିଛି ସର୍ବାଧିକ ୧,୨୯୯ ଖଣ୍ଡ**

**ପୁରୀ ଅଫିସ, ୨୫।୫**

ବାହାରେ ରହୁଥିବା ଲୋକେ ଯେଉଁମାନେ ଭୋଟ ଦେବାକୁ ଆସିପାରି ନ ଥାନ୍ତି ସେମାନେ ପୋଷ୍ଟାଲ ବାଲଟ୍ ମାଧ୍ୟମରେ ମତଦାନର ସୁଯୋଗ ପାଉଛନ୍ତି। ବିଶେଷକରି ସରକାରୀ ଚାକିରିଆଙ୍କ ପାଇଁ ଏଭଳି ବ୍ୟବସ୍ଥା ରହିଛି। ସେହିପରି ଏଥର ନୂଆକରି ଇଲେକ୍ଟ୍ରୋନିକାଲି ଟ୍ରାନ୍ସମିଟେଡ୍ ପୋଷ୍ଟାଲ ବାଲଟ୍ ସର୍ଭିସ ବା ଇଟିପିବିଏସ୍ ବ୍ୟବସ୍ଥା ଲାଗୁ କରାଯାଇଛି। ତେବେ ଏଥର ନିର୍ବାଚନରେ ପୁରୀ ଜିଲାର ବିଭିନ୍ନ ନିର୍ବାଚନମଣ୍ଡଳୀର ପୋଷ୍ଟାଲ ଭୋଟକୁ ଦୃଷ୍ଟି ଦେଲେ ଭାଜପାକୁ ସର୍ବାଧିକ ଏହି ଭୋଟ ମିଳିଥିବା ସ୍ପଷ୍ଟ ହୋଇଛି। ଜିଲାର ୬ଟି ନିର୍ବାଚନମଣ୍ଡଳୀରେ ୨,୨୯୮ ପୋଷ୍ଟାଲ ଭୋଟ ରହିଥିବାବେଳେ ଭାଜପାକୁ ମିଳିଛି ୧,୨୯୯ ଖଣ୍ଡ ଭୋଟ। ସେହିପରି ବିଜେଡିକୁ ୮୦୮ ଏବଂ କଂଗ୍ରେସକୁ ୧୬୧ ଖଣ୍ଡ ପୋଷ୍ଟାଲ ଭୋଟ ମିଳିଛି। ଅନ୍ୟାନ୍ୟ ଦଳ ପାଇଛନ୍ତି ୩୦ ଖଣ୍ଡ । ନିର୍ବାଚନମଣ୍ଡଳୀକୁ ଦେଖିଲେ ବ୍ରହ୍ମଗିରିରେ ପୋଷ୍ଟାଲ ଭୋଟ ସର୍ବାଧିକ ୭୧୦ ଖଣ୍ଡ ରହିଛି। ଏଠରେ ଭାଜପାକୁ ୪୪୦ ଖଣ୍ଡ ଭୋଟ ମିଳିଥିବାବେଳେ ବିଜେଡିକୁ ୨୪୯, କଂଗ୍ରେସକୁ ୧୩ ଏବଂ ଅନ୍ୟାନ୍ୟ ଦଳକୁ ୮ଖଣ୍ଡ ମିଳିଛି । ସେହିପରି ପୁରୀର ପୋଷ୍ଟାଲ ଭୋଟ ସଂଖ୍ୟା ୪୪୫ ମଧ୍ୟରୁ ଭାଜପାକୁ ୨୬୯, ବିଜେଡିକୁ ୧୬୩, କଂଗ୍ରେସକୁ ୫ ଖଣ୍ଡ ମିଳିଛି। କାକଟପୁରରେ ପୋଷ୍ଟାଲ ଭୋଟ ସଂଖ୍ୟା ୨୯୧, ନିମାପଡାରେ ୩୦୧, ସତ୍ୟବାଦୀରେ ୨୯୦ ଏବଂ ପିପିଲିରେ ସର୍ବନିମ୍ନ ୨୬୧ ଖଣ୍ଡ ପୋଷ୍ଟାଲ ଭୋଟ ଆସିଥିବା ଜଣାପଡ଼ିଛି । କାକଟପୁରରେ ଭାଜପାକୁ ୧୦୩, ବିଜେଡିକୁ ୧୩୪ ଏବଂ କଂଗ୍ରେସକୁ ୫୦, ନିମାପଡ଼ାରେ ଭାଜପାକୁ ୧୫୧, ବିଜେଡିକୁ ୧୦୬, କଂଗ୍ରେସକୁ ୪୦, ସତ୍ୟବାଦୀରେ ଭାଜପାକୁ ୧୮୪, ବିଜେଡିକୁ ୭୨, କଂଗ୍ରେସକୁ ୩୨, ପିପିଲିରେ ଭାଜପାକୁ ୧୫୨, ବିଜେଡିକୁ ୮୪ ଏବଂ କଂଗ୍ରେସକୁ ୨୧ ଖଣ୍ଡ ପୋଷ୍ଟାଲ ଭୋଟ ମିଳିଛି। ସେହିପରି ପୁରୀ ଲୋକସଭା କ୍ଷେତ୍ରରେ ପୋଷ୍ଟାଲ ଭୋଟ ସଂଖ୍ୟା ୨,୮୧୭ ଖଣ୍ଡ । ଏଥିମଧ୍ୟରୁ ଭାଜପାର ସମ୍ବିତ୍ ପାତ୍ରଙ୍କୁ ୨,୧୦୩ ଖଣ୍ଡ ମିଳିଥିବା ବେଳେ ବିଜେଡିର ପିନାକୀ ମିଶ୍ରଙ୍କୁ ୫୩୯ ଏବଂ କଂଗ୍ରେସର ସତ୍ୟପ୍ରକାଶ ନାୟକଙ୍କୁ ୧୩୫ ଖଣ୍ଡ ମିଳିଛି। ଅନ୍ୟ ପ୍ରାର୍ଥୀମାନେ ୪୦ ଖଣ୍ଡ ପୋଷ୍ଟାଲ ଭୋଟ ପାଇଥିବା ଜଣାପଡ଼ିଛି ।

## ଫନୀରେ କାକଟପୁର ଶିକ୍ଷା ବିଭାଗର ୧ କୋଟି କ୍ଷତି

**କାକଟପୁର, ୨୫।୫(ଡି.ଏନ୍.ଏ.)**

ସାମୁଦ୍ରିକ ବାତ୍ୟା 'ଫନୀ' ପ୍ରଭାବରେ କାକଟପୁର ବ୍ଲକ ଶିକ୍ଷା ବିଭାଗର ପ୍ରାୟ ୧ କୋଟି ଟଙ୍କାର କ୍ଷତି ହୋଇଥିବା ବ୍ଲକ ଶିକ୍ଷାଧିକାରୀ ଶାନ୍ତନୁ କୁମାର ପରିଡ଼ା ସୂଚନା ଦେଇଛନ୍ତି। ବ୍ଲକ ଅଧୀନରେ ଥିବା ମୋଟ ୧୫୬ ପ୍ରାଥମିକ, ଉଚ୍ଚ ପ୍ରାଥମିକ, ଉଚ୍ଚ ବିଦ୍ୟାଳୟ ମଧ୍ୟରୁ ୬୦ଟିର ଗୃହ ଆଂଶିକ ଭାବେ କ୍ଷତି ଘଟିଥିବା ବିଦ୍ୟାଳୟର ପ୍ରଧାନଶିକ୍ଷକ, ଗ୍ରାମ୍ୟ ଶିକ୍ଷା କମିଟି ପକ୍ଷରୁ ବ୍ଲକ ଶିକ୍ଷା ବିଭାଗକୁ ରିପୋର୍ଟ ପ୍ରଦାନ କରାଯାଇଛି। ବାତ୍ୟାରେ ଗଛ ପଡ଼ିଯିବାରୁ ବ୍ଲକ ଅନ୍ତର୍ଗତ କିଛି ବିଦ୍ୟାଳୟର ପାଇଖାନା



ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି। ଭାଙ୍ଗି ଯାଇଥିବା ବିଦ୍ୟାଳୟର ଗୃହ ଏବଂ ପାଇଖାନା ଗୃହ ନିର୍ମାଣ ଓ ମରାମତି ପାଇଁ ପ୍ରାୟ ୧ କୋଟି ଟଙ୍କା ଆବଶ୍ୟକ ହେବାର ଆକଳନ କରାଯାଇଥିବା ବ୍ଲକ ଶିକ୍ଷାଧିକାରୀ ସୂଚନା ଦେଇଛନ୍ତି। କ୍ଷୟକ୍ଷତି ସମ୍ପର୍କରେ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ଜିଲା ଶିକ୍ଷା ବିଭାଗକୁ ଅବଗତ କରାଯାଇଛି। ତେବେ କ୍ଷତିଗ୍ରସ୍ତ ହୋଇଥିବା କିଛି ବିଦ୍ୟାଳୟରେ ଅଙ୍ଗନୱାଡି କେନ୍ଦ୍ର ଚାଲୁଥିବାରୁ ଗୃହଗୁଡ଼ିକର ପୁନଃ ନିର୍ମାଣ ଓ ମରାମତି କାର୍ଯ୍ୟ ଖୁବ୍‌ଶୀଘ୍ର କରାଯିବା ଜରୁରୀ ହୋଇ ପଡ଼ିଛି। ଅପରପକ୍ଷେ ଆସନ୍ତା ଜୁନ ୧୮ରେ ବିଦ୍ୟାଳୟଗୁଡ଼ିକରେ ଗ୍ରୀଷ୍ମଛୁଟି ଶେଷ ହୋଇଯିବ। ଛୁଟି ପୂର୍ବରୁ ବିଦ୍ୟାଳୟ ଗୃହଗୁଡ଼ିକର ନିର୍ମାଣ କରା ନ ଗଲେ ଶିକ୍ଷାଦାନ କାର୍ଯ୍ୟ ବାଧାପ୍ରାପ୍ତ ହେବା ଆଶଙ୍କା ସୃଷ୍ଟି ହୋଇଛି। ତେବେ ଯୁଦ୍ଧକାଳୀନଭିତ୍ତିରେ କ୍ଷତିଗ୍ରସ୍ତ ବିଦ୍ୟାଳୟ ଗୃହ ଓ ପାଇଖାନା ମରାମତି କରାଯିବାକୁ ସାଧାରଣରେ ଦାବି ହେଉଛି।



ଉତ୍ତ୍ୟକ୍ତ ଲୋକଙ୍କୁ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ବୁଝାଶୁଝା କରୁଛନ୍ତି।

## ବିଦ୍ୟୁତ୍ ନ ଆସିବାରୁ ରାସ୍ତା ଅବରୋଧ

**ଗୋପ, ୨୫।୫(ଡି.ଏନ୍.ଏ.)**

ବିଦ୍ୟୁତ୍ ନ ଆସିବା ଫଳରେ ବିପନ୍ନମାନେ ଏବେ ରାତିରେ ଶୋଇ ପାରୁନାହାନ୍ତି। ଫଳରେ ଦିନକୁ ଦିନ ଗାଁ ଗହଳିରେ ଅସନ୍ତୋଷ ବୃଦ୍ଧି ପାଉଛି। ବିଦ୍ୟୁତ୍ ବିଭାଗ କେବଳ କାର୍ଯ୍ୟ ଚାଲିଛି ଖୁବ୍‌ଶୀଘ୍ର ବିଦ୍ୟୁତ୍ ସଂଯୋଗ କରାଯିବ ବୋଲି କହୁଛି। ବିଳମ୍ବ ଯୋଗୁ ଶନିବାର ମଧ୍ୟାହ୍ନରେ ଗୋପ-ନିମାପଡ଼ା ରାସ୍ତାର ବିଶରପୁରଠାରେ ଶତାଧିକ ଲୋକ ରାସ୍ତା ଅବରୋଧ କରିଥିଲେ। ବିଶରପୁର ଗ୍ରାମର ଯୁବନେତା ପ୍ରତାପ ପରିଡ଼ାଙ୍କ ନେତୃତ୍ୱରେ ଏହି ରାସ୍ତା ଅବରୋଧ କରିଥିଲେ। ଦୀର୍ଘ ୨ଘଣ୍ଟା ଧରି ପର୍ଯ୍ୟଟକଙ୍କଠାରୁ ସାଧାରଣ ଜନତା ଯାତାୟାତ କରି ନ ପାରି ହନ୍ତସନ୍ତ ହୋଇଥିଲେ। ଏସବୁ ଘଟୁଥିଲେ ବି ବିଦ୍ୟୁତ୍ ବିଭାଗ ଯନ୍ତ୍ରୀମାନେ ସେଠାକୁ ଆସି ନ ଥିଲେ। ଅପରାହ୍ନରେ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକମାନଙ୍କୁ ବୁଝାଶୁଝା କରିବା ସହ ଖୁବ୍‌ଶୀଘ୍ର ଗାଁକୁ ବିଦ୍ୟୁତ୍ ଆସିବ ବୋଲି ପ୍ରତିଶ୍ରୁତି ଦେବା ପରେ ଅବରୋଧ ହଟିଥିଲା। ବିଭାଗ ସହ ଆଲୋଚନା କରିବେ ବୋଲି କହିଥିଲେ।

## ଦଳବଦଳକାରୀଙ୍କୁ ମିଳିଲା ଜନମତ

# କାକଟପୁରରେ ତୁଷାରକାନ୍ତି, ପୁରୀରେ ଜୟନ୍ତ

**ପୁରୀ ଅଫିସ, ୨୫।୫**



ଜୟନ୍ତ କୁମାର ଷଡ଼ଙ୍ଗୀ



ତୁଷାରକାନ୍ତି ବେହେରା।

ଦଳୀୟ କନ୍ଦଳ ହେଉ ଅବା ନିଜ ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ପୁରୀ ଜିଲାରେ ଦଳ ବଦଳ କରିଥିବା ଦୁଇଜଣଙ୍କୁ ଜନମତ ମିଳିଛି। ବିଧାନସଭା ନିର୍ବାଚନରେ ଭୋଟର ସେମାନଙ୍କ ଉପରେ ଆସ୍ଥା ପ୍ରକଟ କରିଛନ୍ତି। ଗୋଟିଏ ଦଳରୁ ଅନ୍ୟ ଦଳକୁ ଡେଇଁଥିଲେ ବି ସେମାନେ ସଫଳତା ପାଇଛନ୍ତି। ଏହି ଦୁଇଜଣ ହେଲେ କାକଟପୁର ନିର୍ବାଚନମଣ୍ଡଳୀର ତୁଷାରକାନ୍ତି ବେହେରା ଏବଂ ପୁରୀର ଜୟନ୍ତ କୁମାର ଷଡ଼ଙ୍ଗୀ। ଶେଷ ମୁହୂର୍ତ୍ତରେ ତୁଷାରକାନ୍ତି ଭାଜପା ଛାଡି ବିଜେଡିରେ ଯୋଗଦେଇଥିବା ବେଳେ ଜୟନ୍ତ ବିଜେଡି ଛାଡି ପଦ୍ମ ଧରିଥିଲେ। ଏହି ଦୁଇଜଣ ପ୍ରଥମଥର ଲାଗି ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି।

ତୁଷାରକାନ୍ତିଙ୍କୁ ଭାଜପା କାକଟପୁରରୁ ପ୍ରାର୍ଥୀ ଘୋଷଣା କରି ଟିକେଟ ଦେଇଥିଲା। ଏହି ନିର୍ବାଚନମଣ୍ଡଳୀରୁ ବିଜେଡିର ପ୍ରାର୍ଥୀ ଭାବେ ଟିକେଟ ପାଇଥିଲେ ସୁରେନ୍ଦ୍ର ସେଠୀ। ହେଲେ ସୁରେନ୍ଦ୍ର ନାମାଙ୍କନପତ୍ର ଦାଖଲ କରିବା ପୂର୍ବଦିନରୁ ଆରମ୍ଭ ହୋଇଥିଲା ହାଇଡ୍ରାମା। ତୁଷାରକାନ୍ତିଙ୍କୁ ନବୀନ ନିବାସରେ ଦେଖିବାକୁ ପାଇଥିଲେ ନିର୍ବାଚନମଣ୍ଡଳୀବାସୀ। ହଠାତ୍ ଏଭଳି ସମୀକରଣ ରାଜ୍ୟ ରାଜନୀତିକୁ ଚମକାଇ ଦେଇଥିଲା। ସୁରେନ୍ଦ୍ରଙ୍କୁ ନାମାଙ୍କନପତ୍ର ଦାଖଲ ନ କରିବାକୁ ନିର୍ଦ୍ଦେଶ ଦିଆଯିବା ପରେ ତାଙ୍କ ସମର୍ଥକମାନେ ନବୀନ ନିବାସ ସମ୍ମୁଖରେ ଭିଡ଼ ଜମାଇଥିଲେ। ଏମିତି ୩ ଦିନ ଚାଲିଥିଲା ଛକାପଞ୍ଝା। ଶେଷରେ ତୁଷାରକାନ୍ତିଙ୍କୁ କାକଟପୁର ବିଜେଡି ପ୍ରାର୍ଥୀ ଘୋଷଣା କରାଯାଇଥିଲା। ଏଥିରେ ଅସନ୍ତୋଷ ବ୍ୟକ୍ତ କରି ବିଜେଡି ଛାଡି ଭାଜପାରେ ମିଶିଥିଲେ ରବି ମଲ୍ଲିକ। ତାଙ୍କୁ କାକଟପୁରରୁ ପ୍ରାର୍ଥୀ ଘୋଷଣା କରିଥିଲା ଭାଜପା। ସେହିପରି ଶେଷ ମୁହୂର୍ତ୍ତରେ ପୁରୀରେ ଦେଖିବାକୁ ମିଳିଥିଲା ଦଳବଦଳ ଡ୍ରାମା। ଭାଜପା ଜିଲାର ୫ଟି ନିର୍ବାଚନମଣ୍ଡଳୀ ଲାଗି ପ୍ରାର୍ଥୀ ଘୋଷଣା କରିସାରିଥିବା ବେଳେ ପୁରୀ ଘୋଷଣା କରି ନ ଥିଲା। ଏଠାରୁ କୃଷ୍ଣଚନ୍ଦ୍ର ପଣ୍ଡା ଭାଜପା ପ୍ରାର୍ଥୀ ହେବେ ବୋଲି ଶୁଣାଯାଉଥିଲା। ହେଲେ ଠିକ୍ ଏହି ସମୟରେ ଦଳୀୟ କନ୍ଦଳ ଯୋଗୁ ବିଜେଡିରୁ ଇସ୍ତଫା ଦେଇ ଭାଜପାରେ ମିଶିଥିଲେ ପୁରୀ ପୌରସଂସ୍ଥାର ପୂର୍ବତନ ନଗରପାଳ ଜୟନ୍ତ କୁମାର ଷଡ଼ଙ୍ଗୀ। ଦଳରେ ମିଶିବାର ଦିନକ ପରେ ତାଙ୍କୁ ପୁରୀ ବିଧାନସଭା ପ୍ରାର୍ଥୀ ଭାବେ ଦଳ ଘୋଷଣା କରିଥିଲା। ହେଲେ ଏହାକୁ ସହଜରେ ଗ୍ରହଣ କରି ନ ପାରି ଗତ ନିର୍ବାଚନରେ ଭାଜପା ପ୍ରାର୍ଥୀ ହୋଇଥିବା କୃଷ୍ଣଚନ୍ଦ୍ର ଦଳରୁ ଇସ୍ତଫା ଦେଇ ବିଜେଡିରେ ସାମିଲ ହୋଇଥିଲେ। ତେବେ ଶେଷ ମୁହୂର୍ତ୍ତରେ ଦଳ ବଦଳ କରିଥିବା ତୁଷାରକାନ୍ତି ଏବଂ ଜୟନ୍ତଙ୍କୁ ଭୋଟର ଗ୍ରହଣ କରିଛନ୍ତି। ତୁଷାରକାନ୍ତି ବୃହତ୍ ବ୍ୟବଧାନରେ ବିଜୟୀ ହୋଇଥିବା ବେଳେ ଜୟନ୍ତ ପୁରୀରେ ମହେଶ୍ୱରଙ୍କ ଗଡ଼ ଭାଙ୍ଗିଛନ୍ତି।